# ଅଣୁଲିପି
## ୨୦୧୬

# *Anulipi*
## *2016*












भारतीय स्टेट बैंक
State Bank of India
हर भारतीय का बैंक
THE BANKER TO EVERY INDIAN

# ଅଣୁଲିପି

## ଯୁଗ୍ମ ସମ୍ପାଦନା



ରୋଜାଲିନ୍ ମିଶ୍ର



ସୁରେଶ ଚନ୍ଦ୍ର ପରିଡା

## ସମ୍ପାଦକ ମଣ୍ଡଳୀ



ମନୋଜ ତ୍ରିପାଠୀ



ସତ୍ୟନାରାୟଣ ଆଚାର୍ଯ୍ୟ

## ପ୍ରଚ୍ଛଦପଟ



ହେମନ୍ତ କୁମାର ସ୍ୱାଇଁ

# ଅଣୁଲିପି ସମ୍ପର୍କରେ

୧) ଅଣୁଶକ୍ତିନଗର ଓଡିଆ ସମିତିର ବାର୍ଷିକ ଉତ୍ସବ ଅବଷରରେ ପ୍ରତିବର୍ଷ ଫେବୃଆରୀରୁ ଏପ୍ରିଲ୍ ମାସ ମଧ୍ୟରେ ଅଣୁଲିପି ପ୍ରକାଶିତ ହୁଏ ।

୨) ବର୍ଷର କୌଣସି ସମୟରେ ଆପଣମାନେ ଓଡିଆ, ଇଂରାଜୀ ଓ ହିନ୍ଦୀରେ ଲେଖା ପଠାଇ ପାରିବେ । ସଂପାଦନା ମଣ୍ଡଳୀ ଦ୍ୱାରା ଲେଖା ଉପଯୁକ୍ତ ବିବେଚିତ ହେଲେ ପ୍ରକାଶିତ ହେବ । ଲେଖକ ଓ ଲେଖିକାଙ୍କୁ କୌଣସି ପାରିଶ୍ରମିକ ମିଳିବାର ବ୍ୟବସ୍ଥା ନାହିଁ ।

୩) ଏହି ପତ୍ରିକା ବଜାରରେ ବିକ୍ରୀପାଇଁ ଉଦ୍ଦିଷ୍ଟ ନୁହେଁ । କେହି ଏହାର ଦୁରୁପଯୋଗ କଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ।

# ଅଣୁଶକ୍ତିନଗର ଓଡିଆ ସମିତି ସମ୍ପର୍କରେ

ଅଣୁଶକ୍ତି ବିଭାଗରେ କାମ କରୁଥିବା ଓ ମୁମ୍ବାଇରେ ଅବସ୍ଥାପିତ କାର୍ଯ୍ୟରତ ଓ ଅବସରପ୍ରାପ୍ତ କୌଣସି ଓଡିଆ କର୍ମଚାରୀ କିମ୍ବା ଓଡିଆ ସଂସ୍କୃତିରେ ରୁଚି ରଖୁଥିବା ବ୍ୟକ୍ତି ସମିତିର ସଦସ୍ୟ ହୋଇପାରିବେ । ବର୍ତ୍ତମାନ ଆଜୀବନ ସଦସ୍ୟ ଚାନ୍ଦା ଟ୫୦୦ ଓ ବାର୍ଷିକ ସଦସ୍ୟ ଚାନ୍ଦା ଟ୧୦୦ ରଖାଯାଇଛି । ବିଶେଷ ସୂଚନା ପାଇଁ ୱେବ୍‌ସାଇଟ୍ ଦେଖନ୍ତୁ (www.anuodia.org) ଓ ଇମେଲ୍ (anuodia@gmail.com) ବ୍ୟବହାର କରନ୍ତୁ ।

# Anushaktinagar Oriya Association

(Reg.No.1377/2008, GBBSD, Maharashtra State, Mumbai, Dated 19th July 2008)

## Managing Committee

| | | |
|---|---|---|
| *President* | Dr. N.K. Sahoo |  |
| *Vice-president* | Dr. B.K. Nayak |  |
| *Secretary* | Dr. Deepak Kumar Sahoo |  |
| *Joint Secretary* | Shri Ashwini Kumar Das |  |
| *Treasurer* | Dr. S.P. Tripathy |  |
| *Joint Treasurer* | Dr. Manoj Tripathy |  |

www.anuodia.org
anuodia@gmail.com

# Managing Committee (contd.)

## Members

Dr. Manjulata Sahu 

Dr. Rosaline Mishra 

Shri Soumitra Kar 

Shri B.N. Rath 

Shri Srikanta Sahoo 

Shri Santosh Prahan 

Shri Hemant Swain 

Shri Biswanath Rout 

Shri Ramkishor Dass 

## Advisory Members

Shri P.R. Mohanty 

Dr. K.C. Bhainsa 

Dr. P.K. Mishra 

Dr. S.N. Acharya 

Dr. R. Mishra 

Shri J.K. Mishra 

Dr. R. Acharya 

Dr. B. Dikshit 

Dr. S.C. Parida 

Shri M.K. Ray 

# ଅଣୁଶକ୍ତିନଗର ଓଡିଆ ସମିତି

# କଳିଙ୍ଗ ମହୋତ୍ସବ ୨୦୧୬

(୧୬-୧୦-୨୦୧୬)

ସ୍ଥାନ: ଶକୁନ୍ତଳମ୍, ଅଣୁଶକ୍ତିନଗର, ମୁମ୍ବାଇ

ସଂଯୋଜନା: ରତିକାନ୍ତ ମିଶ୍ର ଓ ପ୍ରଶାନ୍ତ ମିଶ୍ର

ସମୟ: ସନ୍ଧ୍ୟା ଘ ୫:୩୦ ରୁ ରାତି ଘ ୧୦:୦୦

ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସାଂସ୍କୃତିକ କାର୍ଯ୍ୟକ୍ରମ

ଅଣୁଲିପି ଉନ୍ମୋଚନ

ରାତ୍ରୀଭୋଜନ

# SACHIDANANDA MISHRA MEMORIAL AWARD

Anushaktinagar Oriya Association is happy to bestow

"The Sachidananda Mishra Memorial Award"

for the year 2015 on

***Akanksha Acharya***



for her excellent academic achievement in Standard-XII Board Examination

and on

***Oshika Nayak***



for her excellent academic achievement in Standard-X Board Examination.

ଆକାଂକ୍ଷା ଆଚାର୍ଯ୍ୟ ଦ୍ୱାଦଶ ଶ୍ରେଣୀ ଏବଂ ଓଶିକା ନାୟକ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ସଚ୍ଚିଦାନନ୍ଦ ସ୍ମାରକୀ ପୁରସ୍କାର – ୨୦୧୫ ଲାଭ କରିଥିବାରୁ ଅଣୁଶକ୍ତିନଗର ଓଡିଆ ସମିତି ସେମାନଙ୍କୁ ଅଭିନନ୍ଦନ ଜଣାଉଚି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଚି ।

# *Editorial*

Expressing his reverent adoration and admiration for the serene beauty of 'Utkal' or 'Odisha', Kabibar Radhanath Ray has written,

*"Bharat Pankaj-dalamidam*
*Utkal-Mandal Miti Viditam."*

It means that this land of Utkal is well known as a petal of lotus Bharat. In continuation, Utkalmani Pandit Gopabandhu writes -

*"Jagat Sarase Bharat Kamal*
*Ta Madhye Keshara Punya Nilachal."*

It means India is a lotus in the pond of the world and Nilachal is the stalk of that lotus. We the people of Odisha take pride in our Odia language, the first language from Indo-Aryan linguistic group, which has been bestowed upon the Classical language status of India.

This year we are celebrating the birth centenary of legend Biju Patnaik. He was a statesman among politicians and politician among statesmen. Its an opportunity to pay our regards and tributes to one of all time great son of the soil. This edition of our Anulipi is dedicated to the Legend himself. It has a life sketch and contributions of the great leader. Today Odisha needs hundreds of Biju Babus to channelise our energy in apporopriate direction. In this, the scientific community of our Institute can play a major role in polpularising science in Odisha. Lets join hands and work towards it.

I profusely render my thanks to all who have contributed to this edition and the editorial team for their relentless efforts for making this edition a sucess.

Enjoy the issue.

*Rosaline Mishra*

**Baijayant "Jay" Panda**
*Member of Parliament*
*(Lok Sabha)*
*Kendrapara, Odisha*

Member :
- Consultative Committee for the Ministry of Finance
- Parliamentary Standing Committee on Home Affairs



October 3, 2016

**Message**

I am glad to know that Anushaktinagar Oriya Association (AOA), Mumbai is going to celebrate Kalinga Mahotsava as part of Biju Patnaik birth centenary celebrations and a Souvenir is being brought out to commemorate the occasion.

I believe the efforts of AOA in promoting the Odia language and literature is of much importance.

I congratulate AOA and wish them success to go ahead and do more to further this cause. I wish the publication of Souvenir all success.

Sincerely,

**Baijayant "Jay" Panda**

To,
**Dr. N K Sahoo**
President,
Anushaktinagar Oriya Association
45, Shreeniketan,
Anushakti Nagar, Mumbai

NEW DELHI: 2, Mahadev Road, New Delhi-110001, India I Ph.: +91 (11) 23753430/31 I Fax : +91 (11) 23323355
BHUBANESHWAR : Plot 8, Bhoi Nagar, Bhubaneswar, Odisha-751012, India I Ph. : +91 (674) 2395552 I Fax : +91 (674) 2394954
E-mail : office@bjpanda.org I Website : www.bjpanda.in
@PandaJay @Baijayant"Jay"Panda

UTKAL UNIVERSITY
VANI VIHAR, BHUBANESWAR – 751004
ODISHA, INDIA



Tel Off.: 0674-2567700
FAX: 0674-2567850
Email: vcuu@rediffmail.com
asokadas@gmail.com

**Dr. Asoka K. Das**
**Vice Chancellor**

**Date: 08.09.2016**

## Message

It touched a chord in me to know that the Odia Association of Anushakti Nagar, Mumbai has declared itself committed to dedicating this year's Kalinga Mahotsava to the legendary statesman and the great visionary of Odisha, Shri Biju Patnaik. This is indeed a significant act of commemoration and a fitting tribute to one of the most eminent and charismatic of modern Odias to have graced the great land of Odisha. Being a Mumbaikar of Odishan descent myself and having had the status of a native who has returned, the commemorative theme for this year has an especial resonance for me. For, thanks to my residence in Odisha for the past two years, I can now claim a firsthand knowledge of how inextricably woven the name of Biju Patnaik is to the Odia psyche and how it has inspired in every Odia youth a sense of purpose and pride.

I am sure the Kalinga Mahotsava in honour of the "Bhumiputra" will help tie Mumbai and Odisha in an ever firmer bond of friendship, trust, and goodwill. I wish the Mahotsava a grand success and I believe "Anulipi", the souvenir, apart from instructing and informing, will delight hearts and minds. I am sure, with the blessings of Lord Jagannath, Odia scientists and engineers in the Department of Atomic Energy will continue to contribute positively and effectively to nation building.

(Asoka K. Das)

THE ODISHA SOCIETY OF THE AMERICAS

*September 26, 2016*

*Dear Odia Brothers and Sisters of Greater Mumbai,*

*Namaskar! I am delighted to learn that the* ***Anushakti Nagar Odia Association, Mumbai is*** *organizing "Kalinga Mahostava" on October 16th, 2016.*

*As people outside of Odisha it is not only important for us to celebrate our magnificent culture and ancient heritage of the yore of "Kalinga War", it is equally important to pass these on to the younger generation. To this end, Kalinga Mahostava will positively cater to the socio-cultural aspects of the Odia community and bring it to larger local community.*

*It is heartening, that outside of Odisha, Mumbai Odias have not just kept alive but celebrate their heritage and culture and share with their friends.*

*On behalf of OSA, I wish* ***Anushakti Nagar Odia Association officials and members*** *all success in their endeavor. My best wishes for the success of the event in celebration of our Odia culture and heritage.*

*Sushant Satpathy*
*President*
*Odisha Society of Americas*

**ORIOZ INC**
The Association of Odia (Indian) People in Australia
W: www.orioz.org.au
E : oriozcommunity@gmail.com
ABN 51 116 469

October 6, 2016

Dear Brothers and Sisters,

Namaskar from down under!

It is of great excitement to know that the Anushakti Nagar Odia Association, Mumbai is organising "Kalinga Mahostava" on October 16th, 2016.

Congratulations on the effort to bring something like "Kalinga Mahostava" to life. It takes tremendous amount of commitment and dedication to organise a gala event, especially over and above the day job. Your passion and love for all things Odia, Odisha and to share the wonderful Odia cultural heritage with the broader community is commendable.

I have no doubt the "Kalinga Mahostava" will excite and encourage the younger generation of Odias living in Mumbai to know more about their roots and their cultural heritage. It is heartening to know that Mumbai Odias are keeping the tradition and effort alive to pass on our cultural heritage to next generation Odias.

On behalf Orioz, the Odia Community of Australia I wish Anushakti Nagar Odia Association officials and members all success in their endeavor. Our best wishes for the success of the event in celebration of our Odia culture and heritage.

Best Regards

Sujeet Jena
President
Orioz, the Odia Community of Australia

## ବନ୍ଦେ ଉତ୍କଳ ଜନନୀ



It is an immense pleasure to be a part of this great occasion in which Anushakti Nagar Odia Association, Mumbai is celebrating a unique socio- cultural event, Kalinga Mahotsava, to pay tribute and gratitude to Late Shri Biju Patnaik, the legendary statesman, the great visionary and the founder of modern Odisha.

This being the birth centenary year of the legendary leader and completion of 80 years of independent Odisha, a special program has been worked out to commemorate the events. Over past six months, the energetic organizing team has been tirelessly and relentlessly contributing to realize the event by adding native cultural colors and flavors of Odisha. A special issue of "Anulipi", the mouthpiece of "Anushakti Nagar Odia Association" has been brought out on this eve to add a special dimension to this commemoration. Very sincere and tireless efforts of the team have been distinctly reflected in the arrangements of several creative socio-cultural programs for the benefit of our younger generation and in enlightening them with the rich heritage and traditions of Odisha.

Indeed, a lot of hard work has gone towards the arrangements of this special event. I take this opportunity to thank all the unsung heroes for their every bit of contribution to realize this unique event at Anushakti Nagar, Mumbai. I wish all the success to this event and also pray Lord Jagannath for his blessings to the staffs, scientists and engineers of the Department of Atomic Energy to contribute more fruitfully and effectively to the progress of this great motherland.

ଜୟ ଜଗନ୍ନାଥ



N. K. Sahoo
President, Anushakti Nagar
Odia Association
Aushakti Nagar,
Mumbai-400094

# ସୂଚୀପତ୍ର


| | | |
|---|---|---|
| Journey's end | Sarat Mohapatra | ୧ |
| **କବିତା** | | |
| ଅନ୍ଧାକାନୁନ୍ | ଶମ୍ଭୁନାଥ ଦାସ | ୬ |
| ହେ ବସନ୍ତ ! | ସୁଜାତା ସିଂହ | ୯ |
| ଧରଣୀର ଡାକ | ବିନୋଦ | ୧୧ |
| ଜଗନ୍ନାଥ | ରାମଶରଣ ସାହୁ | ୧୩ |
| ମୁଁ | ରାମଶରଣ ସାହୁ | ୧୪ |
| ଦୋଳାୟିତ ଗତି ଜୀବନର | ଗୀତା ଷଡ଼ଙ୍ଗୀ | ୧୫ |
| My life sketch | Rosaline Mishra | ୧୭ |
| **ଗଳ୍ପ** | | |
| ଶେଫାଳିର ଫୁଲ | ଗୀତା ଷଡଙ୍ଗୀ | ୧୮ |
| ଦୁହିତା ଦୁଇ କୁଳକୁ ହିତା ବନାମ ଦୁହିତା ଜଗତକୁ ପିତା | ବନମାଳୀ ମହାପାତ୍ର | ୩୩ |
| ଭାଗ୍ୟର ବିଡମ୍ବନା ଓ ଯୋଗ୍ୟତାର ମାପକାଠି | ବନମାଳୀ ମହାପାତ୍ର | ୩୫ |
| ବାର୍ଦ୍ଧକ୍ୟର ସ୍ୱର | ବିଶ୍ୱନାଥ ମିଶ୍ର | ୩୯ |
| ଆକାଶର ସୀମା | ବିଶ୍ୱରଞ୍ଜନ ନାୟକ | ୪୫ |
| **ଜୀବନୀ / ପ୍ରବନ୍ଧ / ସଙ୍କଳନ** | | |
| ଶ୍ରୀମନ୍ଦିରର ମୁକ୍ତି ପ୍ରଦାନକାରୀ ମଣ୍ଡପ ବା ମୁକ୍ତିମଣ୍ଡପ | ପ୍ରଶାନ୍ତି ମିଶ୍ର | ୪୮ |
| The Legend | Rosaline Mishra | ୫୩ |
| Children of Immortality | Bisawanath Mishra | ୫୯ |
| Interesting facts about India, Odisha and Lord Jagannath | Deepti Ranjan Hota | ୬୫ |
| Energy Centre: Chakras | Achyutananda Palei | ୬୯ |
| Members of Anushaktinagar Oriya Association (As on 10/10/2016) | | ୭୨-୮୨ |



*Made for Each Other!*



*With Indira Gandhi*

ବିଜୁ ବାବୁଙ୍କ ସ୍ମୃତିରେ...



*Crowned as Chief Minister of Odisha in 1961*



*Cycling Passsion:*
*Young Biju's mission from Cuttack to Peshwar*

ବିଜୁ ବାବୁଙ୍କ ସ୍ମୃତିରେ...



*Captain in his Second innings; as CM of Odisha (1990)*



*Biju Patnaik: a National Hero*

ବିଜୁ ବାବୁଙ୍କ ସ୍ମୃତିରେ...

# Journey's End



Sarat Mohapatra

Puri. The 18th of April’ 97 sunset. The sprawling sea-beach was packed with a milling crowd, people from all walks of life. The purple rays of the setting sun had tinged the entire sea. Orissa was bidding farewell to her legendary son. Grief was lit large on every face. People lost their leader. A great hero of our times, who came, fought and won over their hearts, Biju Patnaik, the great.

It was the end of a journey. A long journey indeed. As if the grand show has been shifted from Saradhabali to Swargadwar. The mortal remains of Biju would be consigned to flames. Prem, his eldest son, was about to lit the pyre. Four Prime Minister of the Country both former and the present, were present there. Nowhere in India in the recent history, so many leaders and such a mourning humanity had gathered.

Biju breathed his last on 17th April‘‘97. A life full of unheard of adventures, of heroism came to an end. He has been a great freedom fighter, who never bothered to disclose what actually he did. He often spoke, “It is Biju who creates history for others to write it “.

Biju was a man of Himalayan height, of courage and valour. In his childhood he once broke the police cordon to touch an aeroplane. He could swim across the river Mahanadi in spate.

He could cycle all his way from Cuttack to Peshawar, a distance of 3000 miles. He could take the challenge of beating he Superintendent of Police, in a hockey match who manhandled him before the Swaraj Ashram. The fatal blow landed Mr.Len, Superintendent of Police in Scotland deserting his job in India. Here is an eyewitness‟s observation.

"In 1932, Superintendent of Police, Mr Len led a force to lock up the Swaraj Ashram, in front of the training college. To retaliate Biju Patnaik alias Bijayananda Patnaik organised a youth front. Mr Len ruled the roost. Police cracked mercilessly on them. There was a heavy downpour on that day. The lanes and drains were filled with rain water. The entire city of Cuttack was inundated. Biju was grievously hurt. He almost floated with the current. Nobody dared help him for fear of police atrocity. Near the temple (Nanda (bald) Mandir), the inmates of Kathjuri hostel rescued him. In September that year, one hockey match was organised. Biju and Len were the captains of their teams. Biju lost no opportunity and slammed Len on his leg. The fractured leg of Len would discharge him of his and the were home (Scotland) for good" (Dr.S.C.Dash, Mo Akuha Kahani)

Biju became a pilot before completing his studies. Flying was his first love. He could realise his salad day-dreams of flying high in the sky. He started his dare devil adventures. Rakshat Puri quotes Biju as saying that he and his fellow pilots used to fly to Tehran to load their Dakotas with arms and ammunition supplied by the USA. From there, they used to reach Stalingrad by refuelling the plane at one or two places. They provided guns to soldiers of the Soviet Army besieged by the Nazis during World War II. Biju could dare bring Indonesian nationalist leaders like Sultan Shahariyar and Md. Hata to New Delhi, braving the rough weather in his Dakota at the instance of Nehru. He dared to lift the stranded Wavell‟s family from Rangoon to Delhi, when Japanese invaded Burma. When the Army Chief Lord Wavell became the Governor General of India, he called on Biju Patnaik and gladly appointed him his personal pilot. Biju was at his

height of glory then. His daredevil adventurism had made him a house hold name.

Biju came forward to help the firebrand nationalist and the queen of India‟s struggle for freedom, Aruna Asaf Ali when she was in dire need, Aruna met him when he was driving to airport. He assured her all help.

She was avoiding her arrest, although the court had pronounced punishment on her. Biju was then the Governor General‟s pilot. The plane used to have at least three trial flights before the use of the Governor General. Biju lifted Aruna and landed her at Bombay Airport. The police smelled it. Biju was arrested on his way back to Delhi Airport on 13th Sept.1943. He was kept as a prisoner in Lal Quilla fort. He was tortured to speak out as to who accompanied him. Biju confessed that a lady had accompanied him, but he knew nothing of her identity. All this is part of history. Never did the magnanimous Biju tell it public. Such was the man and his valour.

Biju was staying in a rented house of Rai Bahadur G.V.Swaika, in Moor‟s Avenue, Tolly Gunj, Calcutta, when he booked two suites in Grand Hotel for the office of Kalinga Airlines. In the upstairs in the same building, Mrs. Meera Mishra, the wife of slain I.C.S officer Krupasindhu Mishra was staying along with Raju, her nephew. Raju Mishra, who lives in Cuttack, narrated the above story. He had been a very good friend of Biju Patnaik.

In Politics, Biju has had the unique distinction of becoming the M.L.A of Cuttack, in 1946. Biju trounced a communist candidate from Jagannath Perasad in 1961. Biju won from Choudwar and became the Chief Minister, His name became a symbol of Oriyas indomitable spirit, guts and valour. Nepolean was his ideal, He said. He was a soldier in heart. He believed in work.

Biju had many dreams. He had been endowed with an undaunted spirit. He was proud of his race, tradition and culture. With that old and out dated 25 seater Dakota he started “The

Kalinga Airways" definitely something out of nothing. Then came the chain of Kalinga Industrial Empire; Kaling Tubes, Kalinga Enterprises, Textile Mills. The Kalinga, a daily news paper became a celebrated name in journalism. The barren desert of Choudwar, on the bank of river Mahanadi became the nerve centre of his industrial empire.

He had dreamt dreams unknown to others. During his tenure of two years of as Chief Minister of Orissa, he founded Paradeep Port, his dream child, without begging for any help. Paradeep Daitary Express highway was his another achievement. It sounds unbelievable that both the projects were completed much before the schedule.

Biju believed in speed. He knew that files in offices move in snail"s pace. He wanted to expedite the movements. What he thought to be right he spoke eloquently and did with much fervour. The H.A.L Sunabeda the Burla Engineering College, to name a few were the creation of this man. The dam at Tikarapada, eluded him till his death. Biju became a power to reckon with during the Chinese invasion. Many came out openly and pressurised Nehru to make him the Defence Minister. He had been given a separate office in the defence Ministry and became Nehru"s chief consultant during the war. Many stalwarts considered him as a potential successor to Nehru. His openness and his simplicity turned out to be his worst enemies. What happened to Subhas Bose, in a sense also happened to him.

Biju Patnaik is popularly known as a fire-brand man, a daring pilot and politician. He used to call a spade a spade. He abhorred at „isms" and called them "the virtue of small mind" When there was an infighting among leaders to become Prime Minister, he remarked that there were a cluster of lobsters fighting among themselves. Such was Biju and his personality.

To enliven the glories of Kalinga history and the age old tradition of Oriyas and to give a fresh breath of life to the young Oriyas, he started a symbolic trip to Bali. He knew that entire machinery had became corrupt, as the contractor"s regime

overtook the administration. He believed that democracy would be stronger only through its people. The unfortunate Oriyas lost their leader. He had grand plans for them. A Kalinga Bank, a Kalinga Regiment and a revival of old Kalinga.

The uncrowned king is no longer there. His legend lives. Chester Bowlers, the Ambassador of USA, has written in his Making of Great Society- Panchayati Raj industries xxx initiated by Biju Patnaik xxx had it been properly managed. Orissa could be at par with Japan.

Biju‟s political adversaries eventually over powered him. The roamer mongers were set motion. A man who had given everything to the country would never bring himself to touch the poor man‟s money. Once he said to an agitating mob “Go, set fire to my house, if you have the courage, but don‟t touch the Chief Minister‟s house, which is poor man‟s property”. The king of Kalinga was at his height, when he magnanimously turned down Sukarna's offer of 100 acres of land rich with minerals saying “The kind of Kalinga does not accept gifts from his subjects‟ Really the large heart of a king could boast so much. To conclude, I may quote Julian Huxley, "Biju Patnaik, a remarkable man of India, whose adventures will surely fill a book”.



**Addl. Secretary & F.A. to Government,**
**Government of Odisha**

## ବାର୍ଷିକ ଉତ୍ସବ ୨୦୧୫ : ଯୁବ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ






# ବାର୍ଷିକ ଉତ୍ସବ ୨୦୧୫ : ମହିଳା କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ






# ଅନ୍ଧାକାନୁନ୍



-ଶମ୍ଭୁନାଥ ଦାସ

କିଏ ଜାଣିଥିଲା ଯେ' ଏମିତି ହେବ
ଫୁଲ ମାଡରେ ଫାଟିଯିବ ପଥର !
ବହୁ ତନାଘନା ପରେ
ଫଟା ପଥରକୁ ଯୋଡ଼ାଗଲା
ସିମେଣ୍ଟରେ ,
ଫୁଲକୁ କିନ୍ତୁ ପରୀକ୍ଷା କରାଗଲା ନାହିଁ
ବିଜ୍ଞାନାଗାରରେ ,
ତେବେ କ'ଣପଥର ଆଗପରି ରହିଲା !
ସ୍ପଷ୍ଟ ଦେଖାଯାଉଛି ତ ସିମେଣ୍ଟ ଯୋଡ଼େଇର ଚିହ୍ନ
ଆଉ ପଥର ଭିତରର
କ୍ଷତ କଥା ନ କହିଲେ ଭଲ,
ଯେମିତି ଆଜିକାଲି ଡ଼ାକ୍ତରମାନେ
ସିଜରିଂ ସିଲେଇବେଳେ
ରୋଗୀଙ୍କ ପେଟରେ ଛାଡ଼ି ଦେଉଛନ୍ତି
ବ୍ୟାଣ୍ଡେଜ୍ କନା କି ଡାମ୍ପଣ !

ଯେବେ ଆଉଥରେ
ଆଉ ଗୋଟିଏ ଫୁଲ ମାଡ଼ରେ
ସେ ପଥର ପୁଣି ଫାଟିଯିବ ତ
ତେବେ କ୍'ଣ ହେବ !
ନାରୀମାନଙ୍କୁ ଅସଦାଚରଣ କଲେ
ପୁରୁଷଙ୍କୁ ନନ୍ ବେଲ୍ ଓ୍ଆରେଣ୍ଟ୍
ବନ୍ଦି ହୋଇ କାରାଗାରରେ
ଅପେକ୍ଷାକର ବିଚାରକୁ ଛ'ମାସ ପରେ,
ସାହା-ଭରସା ହେବ କିଏ
ଈଶ୍ୱର ନା' ସମାଜ-ସଂସ୍କୃତି
ଓକିଲ ନା' ବିଚାରପତି !
ବିଚାରପତିଙ୍କ ମୁଣ୍ଡରେ ତ ଏବେ
ସବାର ହେଲାଣି ବିଦେଶୀ ଭୂତ,
ତମେମାନେ ଧର୍ମ-ସଂସ୍କୃତିର ଦେଶ ବୋଲି
'ଭାରତବର୍ଷ' –କରୁଥାଅ ଗର୍ଜନ-ତର୍ଜନ
ସଭା-ସମିତିର ଭାଷଣରେ
ଅବା ପତ୍ର-ପତ୍ରିକାରେ,
ସମଲିଙ୍ଗ ବିବାହକୁ ବିଦେଶରେ
ମିଳିଗଲା ତ ଅନୁମୋଦନ
ଆମ ବିଚାରପତିଙ୍କ ମୁଣ୍ଡ ଗୋଳମାଳ
ସେମାନେ ରଚିବେ ଇତିହାସ
ପିଲାର ପିତୃତ୍ୱ ନାହିଁ ପ୍ରୟୋଜନ

ଫୁଲରେ ଛାଡ଼ିଛି ପରାଗ
ମଧୁମକ୍ଷିକା/ଭ୍ରମର ନା'ପ୍ରଜାପତି !
ନନ୍ଦିତ-ବନ୍ଦିତ ଉତ୍କଳ-ଭାରତର ପୂଜାର୍ଚ୍ଚନା
ହେଉଥାଉ ଏ ଫୁଲରେ ଏମିତି
ଇତିହାସ ରଚନ୍ତୁ ବିଚାରପତି
ଆହାଃ ! ସୁବର୍ଣ୍ଣ-ଶୋଭନ ଦିଶୁଥାଉ
ଛବିଭଳି ଆମ ଏ ଦେଶର ସଂସ୍କୃତି !!

ମୁଖ୍ୟ ସଂପାଦକ:'ଅଭିଯାନ'
୧୨/୧, ମୟୁରଭଞ୍ଜ ରୋଡ
କୋଲକତା - ୭୦୦୦୨୩
ମୋ: ୦୯୦୩୮୩୯୭୧୩୫

# ହେ ବସନ୍ତ !



-ସୁଜାତା ସିଂହ

ହେ ବସନ୍ତ ! ମଳୟାନିଳ
ତୁମେ ବହୁ ପ୍ରତୀକ୍ଷିତ
ଜାଡେ ସଂକୁଚିତ ପ୍ରଣୀ ପରାଣକୁ
କରିଥାଅ ପ୍ରଫୁଲ୍ଲିତ
ଦକ୍ଷିଣାପବନ ଚହଲାଏଦିଏ
ହୃଦ ପ୍ରତିବିମ୍ବ ଅନାୟାସେ
କାକର ଛୁଆଁରେ ମୋତି ବିଛଣାରେ
ମନ ବି ହୁଏ ଆଦ୍ରିତ
ବଉଳ କସିର ପୁର୍ନ ଆଗମନ
ସ୍ତୁତି ସ୍ତାବକର ଶିରି
ଫଗୁଣ ଫୁଲେଇ ମଳୟ ପବନେ
ଅଣୁକୋଣ କୁସୁମିତ
ବର୍ଷା ଗୋ କିଆଁ
ହସ୍ତକ୍ଷେପ କର
ବିସ୍ତରାଇ ଆଧିପତ୍ୟ

କଁଅଳ ଖରାକୁ ଲୁଚାଇ କୋଳରେ
ବର୍ଷିଗଲ ଅବିରତ
ବୋଧେ ମୁଗଫଷଲକୁ ସ୍ୱର୍ଶ କରିବାକୁ
ଅବେଳେ ହେଲ ଜାଗ୍ରତ
ଶିରି ପଞ୍ଚମୀରେ ଆଶୀର୍ବାଦ ଦେଇ
ସ୍ୱଅର୍ପିତ ଜଳେ
ରାତ୍ରି ଉଜାଗର ଶିବରାତ୍ରି ପାଇଁ
ଦୋଳପୂର୍ଣ୍ଣିମାର ସାଜ
ରଙ୍ଗ-ବର୍ଣ୍ଣାଳୀରେ ପ୍ରତିଭାତ
ଋତୁଶ୍ରେଷ୍ଠ ଋତୁରାଜ ତୁମେ
ରଜୁତା ଶିପ୍ମରୀ ଶୋଭା
କୋକିଳର ପଥସ୍ୱରେ
ମଧୁମୟ ସୃଷ୍ଟି ମହୁଲି ସୁବାସେ
ପ୍ରକୃତି ସୁଶୋଭିତ
ନବପଲ୍ଲବିତ ସବୁଜ ଶାଖାରେ
ସମ୍ଭାବନା ନୂତନତ୍ୱ
ଅଭିଶପ୍ତା ପଳାଶର ଫୁଲେ
ପତ୍ରଝଡାର ବୃକ୍ଷେ
ପ୍ରତିଅଙ୍ଗ ପୁଲକିତ
ବସନ୍ତ ଗୋ ତୁମେ
ସଦା ପ୍ରତୀକ୍ଷିତ ।

**ଜାତୀୟ କବି ବୀରକିଶୋର ମହାବିଦ୍ୟାଳୟ**
**କଟକ – ୩**
**ଫୋନ୍ ନଂ – ୯୮୭୧୩୯୦୩୫୮**

# ଧରଣୀର ଡାକ



**-ବିନୋଦ**

ନିବେଦିତ ଏକ ସୂର୍ଯ୍ୟ ଗଭାରେ ଥାପିଲି ଯେଦିନ ପାଦ
ସାରା ଭୂଗୋଲକ ଲାଗିଲା ମୋ ଲାଗି ମୁକ୍ତିର କଳରବ
ମଧୁର ଜୋଛନା ଘନ ସବୁଜିମା ଲତିକାର କାରୁ ତଳେ
କ୍ଷୁଦ୍ର ଜୀବନ ପାଇଁ ଯେପରିକି ଝରିଯିବି ମହିତଳେ ।

ନିର୍ଝର ତା'ର ଉପମା ଶିଖରେ, ଜୀବନ ହୋଇଛି ଗଢା
ଆଙ୍କି ଦେଇଛି ଅଧର ତଟରେ ତାରା ଓ ଚନ୍ଦ୍ର କଳା
କୋଟି ପଣତର ଦୀର୍ଘ-ମାଳିନୀ ଅପରୂପ ମଉଛବ
ବନ୍ଧନ ତା'ର ଛନ୍ଦ ଶିବିରେ ବହୁଦୂରେ ଅବସାଦ ।

ତୋଳିଲି ଜୁଆରୁ ନୀଳ ମରିଚୀକା, ଶବ୍ଦ ଅମାପ ରାଶି
ଜୀବନ ଯୁଦ୍ଧ, ବନ୍ୟା ବିଥିକା, ଆସିଥିଲା ପଛେ ଘୋଟି
ମୋ ପାଦେ ଧରଣୀ ଦେଲା ଟିକେ ମାଟି, ଭାଷା ଶତ ଏଇ ମୁଖେ
ତା' ଥନ ସରାଇ ବଡ ହୋଇଥିଲା ଏଇ ତ ଶରୀର ସତେ ।

ଖରାର ଦାରୁଣ ଚିତ୍ରେ ବରଷା, ଚୁପି ଆସେ ଧିର ପଦେ
ଶୀତ ରାଗିଣୀର ଚକ୍ର ଉହାଡ ଶରତର ବଇଭବେ
ନିରିମାଖି ଏଇ ଶାନ୍ତ ଧରଣୀ, ଅତୁଳ ସେ ଗରୀୟାନ
କୋଟି ଜୀବନର ତଟରେ ତରଣୀ, ଅବାରିତ ଅଭିଯାନ ।

ତଥାପି ଧରଣୀ ବୁକୁର ବେଦନା, ବନ୍ଧୁ କେ ଦେଖିଛକି
ଧର୍ଷିତା ତା'ର ସବୁଜ ଶରୀର, ରକ୍ତେ ଭିଜିଛି ମାଟି
ଅବାରିତ ତା'ର ଦୁଃଖ ବେଦନା, ଜଳି ମରେ ଦିବାନିଶି
ଲୋଟୁଛି ପାହାଡ, କ୍ଷୁର୍ଣ୍ଣ ହେଉଛି, ସୃଷ୍ଟିର ମହାରାତି ।

ହୁଏତ ଆଗାମୀ ସକାଳ ବେଳରେ ଶୁଭିବନି ପକ୍ଷୀ ଗୀତ
ଶୁଖିବ ଝରଣା, ନଦନଦୀ ଆଉ ମୃତ୍ୟୁ ସାଜିବ ଦୂତ
ଆସିବ ରାତିରେ ଯନ୍ତ୍ରଣା ଆଉ ଶୋକର ମରୁତ ବେଳା
ଶୀର୍ଣ୍ଣ ସୁରୂଜ ତିମିରେ ଢାଳିବ ହିମର ବର୍ଣ୍ଣମାଳା ।

ଆଜି ଅବିଚାରେ କାଲିକି ହୋଇବ ଅଙ୍କା କାଳିମା ଛବି
ନ ଲିଭୁ ଧରାର ଏଇ ଦୀପଶିଖା, ଉପମା ଦୃଶ୍ୟରାଜି
ଧରଣୀ-କବିତା ପ୍ରାଣରେ ଫୁଟଇ, ମହକିତ କବି କୂଳେ
ଗମ୍ଭୀର ତା'ର ଡାକ ଶୁଭୁଅଛି, ନଗର, ପଲ୍ଲୀ କୋଳେ ।

**-୬୦, କଲ୍ୟାଣ ବିହାର, ହାଇଟେକ ଇଷ୍ଟେଟ୍ସ**
**କଣ୍ଟିଲୋ, ପୋ-କୁହା, ଭୁବନେଶ୍ୱର**

ମୋ-୯୯୩୭୨୦୮୯୯୯

# ଜଗନ୍ନାଥ



-ରାମଶରଣ ସାହୁ

ବଡ ଦାଣ୍ଡରେ
ବଡ ରଥରେ
ବଡ ଠାକୁର ତୁ

ତୋତେ ଦେଖିଲେ
ମୁକ୍ତି ହୋଇଯିବି ବୋଲି
ବାରମ୍ବାର ଯାଉଥିଲି ଶ୍ରୀକ୍ଷେତ୍ର

ଭକ୍ତିରେ ଭାବରେ ସମର୍ପଣ ମୋର,
ଫେରି ଆସୁଥିଲି ପ୍ରତିଥର

ହେଲେ, କିଏ ଜଣେ କହିଲା
ରଥ ହିଁ ଶରୀର

ହୃଦୟ କନ୍ଦରରେ ତୁ ଜଗନ୍ନାଥ
ଆଖି ନାହିଁ ଦେଖୁଛୁ
କାନ ନାହିଁ ଶୁଣୁଛୁ
ପାଦ ନାହିଁ ଚାଲୁଛୁ

ତୁ ହିଁ ମୁଁ, ଆଉ ମୁଁ ହି ତୁ, ଏ ଦୁନିଆ
ତୋ ଯାତ୍ରା ମୋ ଜୀବନ
ଏନ୍ତୁଡି ରୁ ଜୁଇ ନିଆଁ ।

ବ୍ରହ୍ମପୁର, ଗଂଜାମ

# ମୁଁ



-ରାମଶରଣ ସାହୁ

ମୁଁ ମୁଁ ନୁହେଁ
ଅହଂ ଭାବର ଏକ
ନିଛକ ପ୍ରତିଛବି

କେତେ ବୁଝେଇଲେବି
ଜମାଟ ବନ୍ଧା ମନକୁ ଆସିଯାଏ
ପୁଣି ସେଇ ମୁଁ........

ମା' ରୁମଶାଣି ଯାଏ
ଅହରହ ପ୍ରତିଧ୍ୱନିତ
ହେଉଥାଏ ମୁଁ ମୋର
ମୋ ଭିତରେ ବୁଝିଲା ବେଳକୁ
ଯମ ଦୁତ ଦୁଆରେ ଠିଆ

ସବୁ କିଛି ଏଇଠି
ରଖିଦେଇ ଯିବାକୁ ହୁଏ
ତଥାପି ମଣିଷ,
ବୁଝି ନ ବୁଝିବାର
ଏକ ଅବୁଝା ଛୁଆ |

-ବ୍ରହ୍ମପୁର, ଗଂଜାମ

# ଦୋଳାୟିତ ଗତି ଜୀବନର



-ଗୀତା ଷଡ଼ଙ୍ଗୀ

ଆକାଶମୁହାଁ ମଣିଷ ମାନଙ୍କୁ
ମାଟିମନସ୍କ ହେବାପାଇଁ
କିଛିବି ଚେତାବନୀ କାତୁ କଲାନି
ସେମାନେ ଉଡିଲେ ଉପରକୁ ଉପରକୁ
ମନପବନ ଘୋଡାରେ ବସି
ସାତ ସମୁଦ୍ର ତେର ନଈ ପାରିହେଇ
ଦିଗ୍‌ବଳୟରେ ମିଶିଥିବା
ଆକାଶକୁ ଖୋଜିଲେ ।
ଦିଗ୍‌ବଳୟ ଯେ ତୁଚ୍ଛା ମୃଗତୃଷ୍ଣା
ବୁଝିଲାବେଳକୁ ଖସିଗଲାଣି ବୟସ
ଆକାଶ ତ ପାଇଲେନି
ଚେର ବି ମରିଗଲାଣି ମାଟିରୁ
ମାଟିର ମମତା ତୁଟେଇ ଥରେ ଉପୁଡିଗଲେ

ମାଟି କି ବାନ୍ଧିରଖେ ଉଦ୍‌ବାସ୍ତୁ ମାନଙ୍କୁ ?
ବାରବାଙ୍କ ବୁଲାଣିରେ ବୁଲିବୁଲି
ଶେଷକୁ ହଦ୍ ହାଲିଆ
କିଲ୍‌ବିଲ୍ ଜୀବନ ବିକଳ ମନକୁ ନେଇ
ନୂଆକରି କିଛି କରିବାର
ସାହାସ ଆଉ ପାଉନାହିଁ
ଦୁର୍ଦ୍ଦିନରେ ବନ୍ଧୁ ବାନ୍ଧବ
ଆତ୍ମୀୟସ୍ୱଜନ ସମସ୍ତେ ଉଭାନ ।
ଦିନ, ଦଣ୍ଡ, ମାସ, ବର୍ଷ ହେଇ
ବିତିଯାଏ ସମୟ ଧୀର ପଦରେ
ମଞ୍ଜ କଥାହେଲା ହୃଦସ୍ତ କରି
କିଛି କରି ପକାଇବାର ମାନସିକତା
କି ବଳ ଆଉ ନାହିଁ ସେମାନଙ୍କ ଭିତରେ
ଜୀବନର ଦୋଳାୟିତ ଗତି ସହିତ
ତାଳ ମିଳାଇ ସେମାନେ ଏବେ
କେବେ ଉପରେ ତ କେବେ ତଳେ ।

**-ଇ-୩୦୩, ସେଣ୍ଟ୍ରାଲ୍ ଆପାର୍ଟମେଣ୍ଟ୍**
**ପ୍ଲଟ୍ ନଂ-୨୨୭,ଦୟାଲ୍ ଦାସ ରୋଡ୍,**
**ଭିଲେ ପାର୍ଲେ(ଇ), ମୁମ୍ବାଇ-୪୦୦୦୫୭**
**ମୋ: ୦୮୮୨୮୧୪୩୩୬୧**

Poem

# My Life sketch



Rosaline Mishra

Mulish Snow-peaks melting with Sun-shine,
Supple river finding its way through Alpine.
Exquisite roses along with their spine
Dark clouds but with a silver line.

Entrenched leaves basking in Sun,
In turbulent water, the fish having fun.
Soaring birds in a persistent run,
Far-flung from their nest, coz infancy gone.

My brush stroke sketched my life,
Moments of thrive entwined with strive.
Will show you the painting, my pleasure!
But, promise me, that you will add some colour.....

rosaline.mishra@gmail.com

## ବାର୍ଷିକ ଉତ୍ସବ ୨୦୧୫ : ପାଲା ଓ ରାତ୍ରିଭୋଜନ






# ବାର୍ଷିକ ଉତ୍ସବ ୨୦୧୫ : ମହିଳା କଳାକାରଙ୍କ ନୃତ୍ୟ ପ୍ରଦର୍ଶନ






# ଶେଫାଳିର ଫୁଲ



**-ଗୀତା ଷଡଙ୍ଗୀ**

ଏକ ନିଝୁମ ଶରତ ରାତିର ନିର୍ମଳ ଆକାଶତଳେ ବସିଥିଲେ ସେମାନେ ପାଖାପାଖି । ଏତେ ପାଖାପାଖି ଯେ ଦୁହେଁ ଦୁହିଁଙ୍କର ହୃତସ୍ପନ୍ଦନ ଶୁଣି ପାରୁଥିଲେ । ରାତ୍ରିର ନିସ୍ତବତା ଭିତରେ ଦୁହିଁଙ୍କର ନିରବତା ମିଶି ଏକାକାର ହେଇଯାଉଥିଲା । ଖାଲି ଯାହା ଅନୁଭବ କରୁଥିଲେ ଦୁହେଁ ଦୁହିଁଙ୍କର ନିଶ୍ୱାସର ସ୍ପର୍ଶ । ସାମ୍ନା ଟିପୟ ଉପରେ ଥୁଆ ହେଇଥିଲା ମଦର ଖାଲି ଗ୍ଲାସ, ବଳି ପଡିଥିବା ମିକ୍ସଚର, କାଜୁର ପ୍ଲେଟ୍ ଆଉ ଆଇସ କ୍ୟୁବର ଖାଲି ଜାର ।

ଏଇ ଫାର୍ମ ହାଉସଟା ପାର୍ଟି ଲିଡର ମହାନ୍ତି ସାରଙ୍କର । ମହାନ୍ତି ସାର ବେଳେବେଳେ ପାର୍ଟିର ସୁଦକ୍ଷା କର୍ମୀ ଶ୍ୟାମଳୀ ଦାସ କୁ ନେଇ ଏଠାକୁ ଆସନ୍ତି, ଅବଶ୍ୟ ପାର୍ଟି କାମରେ । ଦୁଇ ତିନି ଦିନ କଟାଇ ପୁଣି ଫେରିଯାଆନ୍ତି ରାଜଧାନୀକୁ । ମହାନ୍ତି ସାର ଏକ ପୁରୁଣା ହିନ୍ଦୀ ସିନେମା ଗୀତ ଗୁଣୁଗୁଣେଉ ଥିଲେ । ନିଶା ଚଢି ଯାଇଥିଲା ପୂରାପୂରି । ସାରଙ୍କୁ ଖୁସି ମୁଡ୍‌ରେ ଦେଖି ଶ୍ୟାମଳୀ କହିଲା-"ସାର! ଏଥର ଟିକେଟ୍ ଟ ପକ୍‌କା ମିଳିବତ ?"

ମହାନ୍ତି ସାର ଗୀତ ଗାଇବା ବନ୍ଦ କରି ନିରୁତ୍ତାପ ଗଳାରେ କହିଲେ –"ତମେତ ଟିକେଟ ପାଇ ଏମ୍.ଏଲ୍.ଏ. ହେବ, ହେଲେ ମୋର କ'ଣ ଲାଭ? ମତେ କ'ଣ ମିଳିବ?

ଆଉ ଟିକେ ପାଖକୁ ଲାଗିଯାଇ, ଗେହ୍ଲେଇ ହେଇ ଶ୍ୟାମଳୀ କହିଲା– "କୁହନ୍ତୁନା ସାର! ମୁଁ ଆପଣଙ୍କର କି ସେବା କରିପାରେ? ଆପଣଙ୍କ ପାଇ କିଛିବି କରିବାକୁ ମୁଁ ରାଜି।"

–"ହାଏ ହାଏ...ମରିଯାଏ....କିଛିବି କରିବାକୁ ଚାହଁ ପ୍ରତିବଦଳରେ?"

–"ହଁ ସାର! କିଛିବି। ଶ୍ୟାମଳୀର ଗଳାରେ ଉତ୍କଣ୍ଠା।"

–"ଓକେ, ଓକେ। ଏବେ ମତେ ତମ ବାହୁର ସାହାରାରେ ମୋ ରୁମ୍‌କୁ ନେଇଯାଇ ପାରିବ?"

–"ଚାଲନ୍ତୁ ସାର!" କହି ଶ୍ୟାମଳୀ ମହାନ୍ତି ସାରଙ୍କୁ ନିଜ କାନ୍ଧର ସାହାରା ଦେଇ ନେଇଗଲା ରୁମ ଭିତରକୁ। ବେଡ ଉପରେ ତକିଆ ଦେଇ ଆଉଜେଇ ବସାଇ ଦେଇ ଫେରି ଆସୁଥିଲା ସେ।

ମହାନ୍ତି ସାର ତା ହାତକୁ ଧରିନେଇ କହିଲେ–"ଏତେ ଜଲଦି କାହିଁକି ଶ୍ୟାମଳୀ! ମୋ ପାଖରେ ଟିକେ ବସ। ବିନା ପ୍ରତିବାଦରେ ଶ୍ୟାମଳୀ ବସିଗଲା ବେଡରେ। ମହାନ୍ତି ସାରଙ୍କ ଏକଦମ ପାଖାପାଖି ବସିଥିଲା ସେ। ସତେ ଜୈମିତି ଆଗରୁ ପ୍ରସ୍ତୁତ ଥିଲା ସେ ଏଥିପାଇଁ। ମହାନ୍ତି ସାର ଏଥର ଧୀରେ ଧୀରେ ପ୍ରଜାପତିରୁ ସଁବାଳୁଆ ପାଲଟି ଯାଉଥିଲେ। ଶ୍ୟାମଳୀ ତା ଦେହସାରା ସଁବାଳୁଆର ବିଷାକ୍ତ ସ୍ପର୍ଶ ଅନୁଭବ କରୁଥିଲା। ବିରୋଧ କି ପ୍ରତିବାଦ କିଛିବି କରିନଥିଲା ସେ। କିଛି ପାଇବାକୁ ହେଲେ କିଛି ତ୍ୟାଗ କରିବାକୁ ପଡେ। ଏକଥା ଜଣାଥିଲା ତାକୁ।

ତିନିଦିନ କାଳ ଫାର୍ମ ହାଉସରେ କଟାଇ ଆଜି ଘରକୁ ଫେରିଛି ଶ୍ୟାମଳୀ। କେମିତି କ୍ଲାନ୍ତ ଅବସନ୍ନ ଦେଖାଯାଉଛି ସେ। ଶାନ୍ତନୁ ଆସି

ପଛପଟୁ କୋଳେଇନେଲା ଶ୍ୟାମଳୀକୁ । ଛାଟିପିଟି ହେଇ ବାହାରିଗଲା ସେ ଶାନ୍ତନୁଙ୍କ ବାହୁବନ୍ଧନରୁ । ସୋଫାରେ ଯାଇ ବସିପଡିଲା ଲଥ୍‌କରି । ଆଖିତଳେ କଳାଦାଗ ବଢି ଯାଇଛି । ଅତ୍ୟଧିକ କ୍ଳାନ୍ତ ଜଣାପଡୁଥିଲା ସେ । ଏ ତିନି ଦିନରେ ମହାନ୍ତି ସାର ତା ଦେହରୁ ଯେମିତି ସବୁତକ ନିର୍ଯ୍ୟାସ କାଢି ନେଇଛନ୍ତି । ଭାରି ଖେଳୁଆଡ....ଓସ୍ତାଦ୍ ସେ । ମନେ ମନେ ଆମୋଦିତ ହେଉଥିଲା ଶ୍ୟାମଳୀ ।

ପାଖରେ ବସିପଡି ଆଦରରେ ତା ହାତକୁ ସାଉଁଳୁ ସାଉଁଳୁ କହିଲେ ଶାନ୍ତନୁ-“ଶ୍ୟାମଳୀ! କ’ଣ ପାଇଁ ଏତେ ପରିଶ୍ରମ କରୁଛ? ରାତିଦିନ ଅନିଦ୍ରା ହେଇ ପାର୍ଟିପାଇଁ କାମ କରୁଛ? ଏବେ ପୁଣି ପାର୍ଟି କାମପାଇଁ ତମକୁ ପରିବାର ଠୁଁ ଦୁଇ ତିନି ଦିନ ବାହାରେ ରହିବାକୁ ପଡୁଛି! ଝିଅ ବଡ ହେଲାଣି । ତାକୁତ ଆଉ ଏକୁଟିଆ ଘରେ ରଖି ଆମେ ଦୁହେଁ ବାହାରେ ରହି ପାରିବାନି! ତା ଛଡା ତାର ଏବର୍ଷ ମାଟ୍ରିକ ପରୀକ୍ଷା । ସ୍କୁଲ, ଟିଉସନ ନବାଆଣିବା କରିବା ସବୁ ମୋ ଉପରେ ପଡିଯାଉଛି । ମତେ ଅଫିସରୁ ବାରମ୍ବାର ଆସିବାକୁ ପଡୁଛି କାମଦାମ ଛାଡି । ତମେ ଘରେ ରହିଲେ ମୋର ଚିନ୍ତା ନଥାନ୍ତା ଏସବୁର । ଐାଇଠି ଯାହା ପାର୍ଟି କାମ କରୁଥିଲ ଏବେତ ମାସରେ ପ୍ରାୟ ଦୁଇ ତିନିଥର ବାହାରକୁ ଯାଉଛ । କେମିତି ଚଳିବ ଘର? ସେ କଥା କେବେ ଭାବିଛ? ତା ଛଡା ତମେ ବି ତ ଟାୟାର୍ଡ ହେଇ ଫେରୁଛ । ଏତେ ପରିଶ୍ରମ କଲେ ତମେ କ’ଣ ଭାବୁଛ ଏଥ ର ଟିକେଟ ପାଇଯିବ? ନା ଖଟିବା ଖାଲି ସାର ହେବ । ଟିକେଟ ଅନ୍ୟ କିଏ ମାରିନେବ!

ଶାନ୍ତନୁର କଥାରେ ବାଧାଦେଇ ଶ୍ୟାମଳୀ କହିଉଠିଲା-“ନା ନା ଅନ୍ୟ କେହି ନୁହେଁ। ଏଥର ଟିକେଟ ପାଇବାଟା ମୋର ପକ୍‌କା। ପାର୍ଟି ଲିଡର ମହାନ୍ତି ସାର କଥା ଦେଇଛନ୍ତି । ତାଙ୍କ କଥା ପାଣିର ଗାର ନୁହେଁ,

ପଥରର ଗାର । ତମେ ବ୍ୟସ୍ତ ହୁଅନି । ଆଉ କିଛିଦିନ ତମକୁ ଟିକେ କଷ୍ଟ କରିବାକୁ ପଡିବ । ଘରକାମ, ଅଫିସ ଆଉ ଶେଫାଳି ସବୁ ତମକୁ ଏକା ଏକା ସମ୍ଭାଳିବାକୁ ପଡୁଛି । କ'ଣ କରିବା? ଆଗକୁ ଇଲେକ୍‌ସନ ଅଛି । ଏଇ ସମୟରେ ପାର୍ଟିର କାମ ନବୁଝିଲେ ବାରବର୍ଷର ତପ ଶୁଖୁଆ ପୋଡାରେ ଯିବ । ଇଲେକ୍‌ସନ ଯାଏଁ ଟିକେ କଷ୍ଟକରି ଚଳେଇ ନିଅ । ଇଲେକ୍‌ସନରେ ଜିତିଗଲେ ଆମର ସବୁ ସ୍ୱପ୍ନ ସାକାର ହେଇଯିବ ।"

-"ଠିକ ଅଛି" କହି ହାତଘଡିକୁ ଚାହିଁଲା ଶାନ୍ତନୁ । ଶେଫାଳିର ଟ୍ୟୁସନ ସରିଯିବଣି । ମୁଁ ତାକୁଯାଇ ନେଇ ଆସେ କହି ସ୍କୁଟର ଷ୍ଟାର୍ଟ କରି ବାହାରିଗଲା ସେ । ଶାନ୍ତନୁର ଯିବା ପଥକୁ ଚାହିଁ ସୋଫାରେ ଆଉଜି ପଡି ଭାବନା ରାଜ୍ୟରେ ହଜିଗଲା ଶ୍ୟାମଳୀ ।

ଶାନ୍ତନୁ ସେଇ ପନ୍ଦର ବର୍ଷର ପୁରୁଣା ବଜାଜ ସ୍କୁଟର ଏବେବି ଚଲାଉଛନ୍ତି । ଝିଅ ଜନ୍ମ ପରେ ବ୍ୟାଙ୍କରୁ ଲୋନ ନେଇ ସେ ଏଇ ସ୍କୁଟର ଟି କିଣିଥିଲେ । ପାଞ୍ଚବର୍ଷ ଲାଗିଥିଲା ଲୋନ ଶୁଝିବାପାଇଁ । ଶାନ୍ତନୁଙ୍କ ସ୍ୱଳ୍ପ ଦରମାରେ ସେମାନେ ତିନିଜଣ ଚଳୁଛନ୍ତି ।ସ୍କୁଟର କିଣିବାର ଶ୍ରେୟ ସେ ତାଙ୍କ ଝିଅ ଶେଫାଳିକୁ ଦେଇଥିଲେ । କହିଥିଲେ ମୋ ଘରକୁ ଶେଫାଳି ରୂପରେ ଲକ୍ଷ୍ମୀ ଆସିଛନ୍ତି । ଦେଖିବ ଦିନ କେଇଟାରେ ଆମର ଭାଗ୍ୟ ବଦଳିଯିବ । ନିଜର ଘର, ଗାଡି, ବ୍ୟାଙ୍କ ବାଲାନ୍‌ସ ସବୁ ହେବ । ମିନ୍ତୁ ସେ ସବୁ ସ୍ୱପ୍ନ ତାଙ୍କର ସ୍ୱପ୍ନରେ ହିଁ ରହିଗଲା । ନା ନିଜର ଖଣ୍ଡେ ଘର କରିପାରିଲେ ନା ଗାଡି । ତାଙ୍କର ସ୍ୱଳ୍ପ ବେତନରେ କେବଳ ଖାଇପିଇ ଚଳିଯିବା କଥା । ସେଥିରେ ଘର ଗାଡିର ସ୍ୱପ୍ନ ଦେଖିବା ବୃଥା । ସେଇଥିପାଇଁ ଶେଫାଳି ଟିକେ ବଡ ହେଇ ସ୍କୁଲ ଯିବାପରେ ସେ ଏଇ ପାର୍ଟି କାମରେ ଯୋଗ ଦେଇଛି । ପାର୍ଟି ପାଇଁ କାମ କରୁକରୁ ସେ ମହାନ୍ତି ବାବୁଙ୍କ ନଜରରେ ଆସିଛି । ମହନ୍ତି ବାବୁ ତା ସୌନ୍ଦର୍ଯ୍ୟରେ ପାଗଳ । ଏହାରି

ଫାଇଦା ତାକୁ ଉଠାଇବାକୁ ହେବ। କୋଣସିମତେ ଏଥର ଟିକେଟ ମିଳିଗଲେ ତାର ଏମ୍.ଏଲ୍.ଏ. ହେବାର ସ୍ୱପ୍ନ ସାର୍ଥକ ହେବ। ଆଉ ତାପରେ ଖାଲି ଟଙ୍କାର ସୁଅ ଛୁଟିବ। ଏମ୍.ଏଲ୍.ଏ. କୋଟାରେ ଜାଗା ବି ମିଳିଯିବ ରାଜଧାନୀରେ। ଘର, ଗାଡି, ବ୍ୟାଙ୍କ ବାଲାନ୍ସ ସବୁ ହେଲାପରେ ଝିଅକୁ ବିଦେଶ ପଠେଇବ ପାଠ ପଢିବା ପାଇଁ। ସୁନ୍ଦର ସ୍ୱପ୍ନରେ ମଜ୍ଜି ଯାଇଥିଲା ଶ୍ୟାମଳୀ। ଏତିକିବେଳେ ବାହାରେ ସ୍କୁଟର ର ହର୍ଣ୍ଣ ଶୁଭିଲା। ଶେଫାଳି ଆସି ମାମା ବୋଲି କହି କୁଣ୍ଢାଇ ପକାଇଲା। ତିନିଦିନ ହେଲା ସେ ମାମାକୁ ଦେଖିନି। ଗେହ୍ଲେଇ ଗେହ୍ଲେଇ କେତେ କଥା କହିଗଲା ସେ।

–"ଜାଣିଛ ମାମା! ମୋର ନା ପ୍ରିଟେଷ୍ଟ ପରୀକ୍ଷାରେ ବହୁତ ଭଲ ହେଇଛି। ହେଲେ ସେ ପଦ୍ମାକୁ ଟପାଇ ପାରିଲିନି। ସେ ସବୁଥର ଫାଷ୍ଟ ହେଉଛି। ଏଥର ସେକେଣ୍ଡ ପୋଜିସନ ଆସିଛି। ଟେଷ୍ଟ ପରୀକ୍ଷାରେ ଦେଖିବ ମୁଁ ପଦ୍ମାକୁ ଟପେଇ ଫାର୍ଷ୍ଟ ହେବି। ବୋର୍ଡରେ ବି ମୁଁ ସ୍କୁଲ ଟପ୍ପର ହେବି।"

–"ଖାଲି ସ୍କୁଲ ଟପ୍ପର କାହିଁକି? ମୁଁ ଚାହେଁ ତୁ ଷ୍ଟେଟ ଟପ୍ପର ହେବୁ।"

ଶାନ୍ତନୁ କହିଲେ_"ସେ ଯାହାବି ରେଜଲ୍ଟ କରିବ, ଭଲ କରିବ ନିଶ୍ଚୟ। ହେଲେ ତା ଉଅପରେ ଟପ୍ପର ହେବାର ବୋଝ ଲଦି ଦିଅନି। ସେ ଯେତିକି ପାରିବ ସେତିକି କରିବ। ହଁ ଶେଫାଳି! ତୁ ଯା ଫ୍ରେସ ହେଇ ପଢି ବସ। ମୁଁ ତୋ ପାଇଁ ବର୍ନଭିଟା ଆଉ ମାମାଙ୍କ ପାଇଁ କଫି ବନୋଉଛି।। କହି ଶାନ୍ତନୁ ରୋଷେଇ ଘରକୁ ଚାଲିଗଲେ। ଶେଫାଳି ବି ଫ୍ରେସ ହେବାପାଇଁ ଚାଲିଗଲା।

ରାତିରେ ଶାନ୍ତନୁ ଶ୍ୟାମଳୀ ପାଖକୁ ଲାଗିଆସି ତାକୁ ଜାବୁଡି ଧରିଲେ। ଆଜିକାଲି ଶ୍ୟାମଳୀ ତାଙ୍କ ଧରାଛୁଆଁର ବାହାରେ। ମାସରେ

ଥରୁଟିଏ ବି ସେମାନେ ମିଳିତ ହେଇପାରୁ ନାହାନ୍ତି ।ପାର୍ଟି କାମରେ ଶ୍ୟାମଳୀ ସବୁବେଳେ ବ୍ୟସ୍ତ ରହୁଛି । ରାତି ଅଧରେ କ୍ଳାନ୍ତ ହେଇ ଘରକୁ ଫେରୁଛି । ମଝିରେ ମଝିରେ ପାର୍ଟି କାମରେ ବାହାରକୁ ବି ଚାଲିଯାଉଛି । ତାଙ୍କ ବୈବାହିକ ଜୀବନ୍‌ଅରେ ଏବେ କୌଣସି ସ୍ପନ୍ଦନ ହିଁ ନାହିଁ । ପାର୍ଟି ପାଇଁ ଏତେ କୃଚ୍ଛ୍ର ସାଧନା କରିବା କ'ଣ ଦରକାର? ନିଜ ଦେହମୁଣ୍ଡର ଯତ୍ନ ନ ନେଇ, ନିଜ ପରିବାରକୁ ଅଣଦେଖା କରି ସେ କାହିଁକି ଏତେ ଖଟୁଛି? ଯଦି ତାକୁ ଟିକେଟ୍ ନ ମିଳେ? କ'ଣ ହେବ ତା ମନର ଅବସ୍ଥା! ହେ ଭଗବାନ! ତାକୁ ସହାୟ ହୁଅ ପ୍ରଭୁ! ଅନ୍ଧାରରେ ହାତ ଯୋଡିଲା ଶାନ୍ତନୁ ଭଗବାନଙ୍କ ଉଦ୍ଦେଶ୍ୟରେ । ଶ୍ୟାମଳୀ ଘୁଞ୍ଚିଯାଇ ସେପଟକୁ ମୁହଁ କରି ଶୋଇପଡିଲା । ଶାନ୍ତନୁ ଆଉ କିଛି କରିବାକୁ ଚାହିଁଲାନି । ଶୋଉ ବିଚାରି! କେତେ ଅନିଦ୍ରା ହେଇ ଖଟିବାକୁ ପଡୁଛି ତାକୁ । ହେଲେ ତାକୁ ଯେ ନିଦ ଆସୁନି! ସେ ଉଠିପଡି ପାଣି ପିଇଲା । ଝିଅ ରୁମରେ ଯାଇ ଦେଖିଲା ପଢୁ ପଢୁ ଶୋଇ ପଡିଛି ଶେଫାଳି । ହାତରେ ଅଧାଖୋଲା ବହି । ଆଖିରେ ଚଷମା । ସେ ବହି ଆଉ ଚଷମା ନେଇ ଟେବୁଲ ଉପରେ ରଖିଦେଲା । ଚାଦର ଖୋଡେଇ ଦେଇ ଚାଲି ଆସିଲା ନିଜ ରୁମକୁ । ଶ୍ୟାମଳୀ ଶୋଇଛି ନିଘୋଡ ନିଦରେ । ଝର୍କା ଦେଇ ଜହ୍ନର ଆଲୋକ କିଛି ପଡିଛି ତା ଉପରେ । ସେ ଆଉ ଆଗର ସେଇ ସୁନ୍ଦରୀ ଶ୍ୟାମଳୀ ନାହିଁ । ତନୁ ପାତଳୀ ଶ୍ୟାମଳୀ ଦେହରେ ମେଦ ବୃଦ୍ଧି ପାଇଛି । ପେଟରେ ଥାକ ଥାକ ହେଇ ଭାଙ୍ଗ ପଡିଛି । ଆଖିତଳେ କଳାଦାଗ । ଚିବୁକ ତଳେ ଭାଙ୍ଗ । ଏଇ କେତେ ଦିନରେ ସେ ବୟସ ତୁଳନାରେ ବେଶୀ ବୁଢ଼ି ଦେଖା ଯାଉଛୋ ଯେମିତି । କେତେବା ତାର ବୟସ! ପଇଁତିରିଶି ବର୍ଷ ବୟସରେ ସେ ପଚାସ ବର୍ଷ ପରି ଲାଗୁଛି । ଅତ୍ୟଧିକ ପରିଶ୍ରମର ଫଳ ଇଏ । ସେ ଯେତେ ବାରଣ କଲେ ବି ତା କଥା ଶୁଣିବନି ଶ୍ୟାମଳୀ । ସବୁବେଳେ

ଉଅପରକୁ ଉଠିବାର ନିଶାରେ ମସଗୁଲ। ଟଙ୍କା ଓ ପାଓଆର ତାର ଦରକାର। ସେ ଯଦି ଆପତ୍ତି କରିବ, ଶ୍ୟାମଳୀ କହିବ–"ତମେ ସବୁବେଳେ ସେଇ ନିମ୍ନ ମଧ୍ୟବିତ୍ତ ମାନସିକତାରେ ରହିଗଲ। କେବେତ ନିଜେ ଉଅପରକୁ ଉଠିବାକୁ ଚେଷ୍ଟା କଲନି। ଆଉ ମୁଁ ଯଦି କିଛି କରିବାକୁ ଯାଉଛି, ତମର ଏତେ ଆପତ୍ତି କାହିଁକି?" ଏଇ କଥାରେ ସେ ବାଧ୍ୟ ହେଇ ଚୁପ୍ ହେଇ ରୁହେ। ତା କାମରେ ସେ କେବେବି ହସ୍ତକ୍ଷେପ କରେନି। କିନ୍ତୁ କେତେଦିନ? ଦିନକୁ ଦିନ ଅସହ୍ୟ ହେଉଛି ଶ୍ୟାମଳୀର କାର୍ଯ୍ୟ-କଳାପ। ହେଲେ ସେ ଚୁପଚାପ ସବୁ ବରଦାସ୍ତ କରିଯାଉଛି। କାନ୍ଥ ଘଣ୍ଟାରେ ଦୁଇଟା ବାଜିବାର ସୂଚନା। ସେ ଏଥର ବେଡରେ ପଡି ଶୋଇବାକୁ ଚେଷ୍ଟାକଲା।

ଡେରିରେ ଶୋଇଥିବାରୁ ଟିକେ ଡେରିରେ ଉଠିଲା ଶାନ୍ତନୁ। ତା ଛଡା ଆଜି ରବିବାର ଛୁଟିଦିନ। ଶେଫାଳିର ବି କ୍ଲାସ ନାହିଁ। ଶ୍ୟାମଳୀ କେତେବେଳୁ ଉଠି ଗାଧେଇ ପାଧେଇ ସମ୍ବଲପୁରୀ ଶାଢୀ ପିନ୍ଧି ଡ୍ରେସିଂ ଟେବୁଲ ସାମ୍ନାରେ ବସି ସଜବାଜ ହେଉଛି।

–"ଆଜି ସକାଳୁ ସକାଳୁ ପୁଣି କୁଆଡେ ବାହାରିଲଣି? ଚାରିଦିନ ଟୁର କରି କାଲି ସନ୍ଧ୍ୟାରେ ତ ଫେରିଲ, ପୁଣି ଆଜି କୁଆଡେ?" ଅଳସ ଭାଙ୍ଗୁ ଭାଙ୍ଗୁ କହିଲା ଶାନ୍ତନୁ।

–"ପଦଯାତ୍ରା। ଆଜିଠୁଁ ଆମ ପାର୍ଟିର ପଦଯାତ୍ରା ଆରମ୍ଭ ହେବ। ପୂରା ମାସେ ପର୍ଯ୍ୟନ୍ତ ଚାଲିବ। ଆଜି ଅକ୍ଟୋବର ଦୁଇ ତାରିଖ।ଗାନ୍ଧୀ ଜୟନ୍ତୀ। ଆଜିପରି ଶୁଭଦିନରେ ଆମ ପାର୍ଟି ତରଫରୁ ପଦଯାତ୍ରା ଆରମ୍ଭ ହେଉଛି। ପ୍ରତି ନିର୍ବାଚନ ମଣ୍ଡଳୀର ଗାଁ ଗାଁ ବୁଲି ଆମେ ଲୋକଙ୍କ ଭଲମନ୍ଦ ବୁଝିବୁ। ତ୍ରିଣମୂଳ ସ୍ତରରୁ ସମସ୍ତ ସଭ୍ୟ ମାନଙ୍କୁ ଭେଟିବୁ। ଏହା ଆମ ହାଇକମାଣ୍ଡ ଙ୍କ ନିର୍ଦ୍ଦେଶ। ଅକ୍ଷରେ ଅକ୍ଷରେ ପାଳନ କରିବାକୁ

ହେବ । ନିର୍ବାଚନ ପାଖେଇ ଆସିଲାଣି । ଏସବୁ ନକଲେ ନିର୍ବାଚନ ରେ ବିପକ୍ଷ ପାର୍ଟିକୁ ହରାଇବା ଅସମ୍ଭବ ।"

-"ପଦଯାତ୍ରା ନା ଭୋଟଯାତ୍ରା!ସିଧା ସିଧା କହୁନ ଭୋଟ ଭିକ୍ଷା କରିବାକୁ ଯିବ ଗାଁ ଗାଁ କୁ ।"

-"ତମେ ଯାହା ଭାବୁଛ ଭାବ । ଏସବୁ ଆମ ନିର୍ବାଚନ ଆଜେଣ୍ଡାର ଏକ ଅଂଶ । ତେଣୁ କରିବାକୁ ହେବ । ହଁ, ମୁଁ ମାସେ ପର୍ଯ୍ୟନ୍ତ ଘରକୁ ଫେରି ପାରିବିନି । ପଦଯାତ୍ରାରେ ମତେ ରିମୋର୍ଟ ଏରିଆକୁ ଯିବାକୁ ପଡିବ । ମୋବାଇଲ ଲାଗି ନପାରେ । ମୋ ପାଇଁ ଚିନ୍ତା କରିବନି । ଶେଫାଳିର କେୟାର ନେବ । ନିଜର ମଧ୍ୟ ।"

-"ତା ହେଲେ ତମକୁ ଯୋଗା ଯୋଗ କରିବୁ କିପରି ?"

-"ପାର୍ଟି ଅଫିସରୁ ମୋ ଖବର ପାଇ ପାରିବ ।"କହି ବାହାରିଗଲା ଶ୍ୟାମଳୀ । ଶାନ୍ତନୁ ତା ଯିବା ବାଟକୁ ଚାହିଁ ରହିଥିଲା କେବଳ ।

ପନ୍ଦରଦିନହେଲାଣିଶ୍ୟାମଳୀରକୌଣସିଖୋଜଖବରନାହିଁ । ପ୍ରଥମେପ୍ରଥମେଶ୍ୟାମଳୀଫୋନକରୁଥିଲା । ଚାରିପାଞ୍ଚଦିନପରେସତକବନ୍ଦହେଇଗଲା । ଆହୁରିଦଶଦିନଅଛିମାସେପୂରିବାକୁ ।ଫୋନକଲେନଟରିଚେବଲଆସୁଛି । କ'ଣ କରିବ ସେ ? ଶେଫାଳି ତାକୁ ବ୍ୟସ୍ତ କରି ପକାଉଛି ମାମା କେବେ ଆସିବ ବୋଲି । ମାମା ସହିତ ନ୍ଦର ଦିନ ହେଲା କଥା ହେଇନି ସେ । ଟିଉସନରୁ ଫେରିବା ବାଟରେ ସେ ଜିଦ୍ କଲା ପାର୍ଟି ଅଫିସ ଯାଇ ମାମାର ଖବର ନେବା ପାଇଁ । ତାକୁ ନେଇ ସେ ପାର୍ଟି ଅଫିସ ଗଲେ । ନିଜର ପରିଚୟ ଦେବାରୁ ମହାନ୍ତି ବାବୁଙ୍କ ପର୍ସୋନେଲ ସେକ୍ରେଟାରୀଦାସ ବାବୁ କହିଲେ ସାର ବି ପଦ ଯାତ୍ରାରେ ଯାଇଥିଲେ । ଏଠାରେ ଏମର୍ଜେନ୍ସି

ପଡିବାରୁ ସାର ଆଜି ଫେରି ଆସିଛନ୍ତି । ଆପଣ ଅପେକ୍ଷା କରନ୍ତୁ, ମୁଁ ପଚାରି ବୁଝେ ଏବେ ଦେଖା ହେଇ ପାରିବ କି ନାହିଁ ।

କିଛି ସମୟ ପରେ ଦାସ ବାବୁ ଆସି କହିଲେ-"ସାର ପାଞ୍ଚ ମିନିଟ ସମୟ ଦେଇଛନ୍ତି । ତାଙ୍କ ଚାମ୍ବରକୁ ଯାଇ ଦେଖା କରନ୍ତୁ ।" ବାପ, ଝିଅ ମହାନ୍ତି ସାରଙ୍କ ଚାମ୍ବରକୁ ଗଲେ ।

ମହାନ୍ତି ସାର ଆଦର ସହକାରେ ବାପ, ଝିଅ ଙ୍କୁ ବସିବାକୁ କହିଲେ । ଝିଅ ଉଅପରେ ମହାନ୍ତି ସାର ଦୃଷ୍ଟି ବୁଲାଇ ଆଣି କହିଲେ-"ଦାସବାବୁ କହୁଥିଲେ ଝିଅ ଭାରି ବ୍ୟସ୍ତ ହେଉଛି ତା ମାମା ପାଇଁ ।"

-"ଆଜ୍ଞା କୋଡିଏ ଦିନ ହେଲାଣି । କିଛି ଖୋଜ ଖବର ନାହିଁ । ଫୋନ ବି ଲାଗୁନି ।"

-ବ୍ୟସ୍ତ ହେବାର କିଛି ନାହିଁ । ଆଉ ଦଶ ଦିନ ପରେ ଶ୍ୟାମଳୀ ଫେରି ଆସିବ । ପଦଯାତ୍ରା ର ସବୁ ଦାୟିତ୍ୱ ଏବେ ତା ଉପରେ । ମୁଁ ତ ଏଠାରେ ଅର୍ଜେଣ୍ଟ ମିଟିଙ୍ଗ ପଡିବାରୁ ଚାଲିଆସିଲି । ସେ ଭଲ ଅଛି । ଚିନ୍ତା କରିବାର କିଛି ଦରକାର ନାହିଁ । ଶେଫାଳିକୁ ଗୋଟେ କ୍ୟାଡବରି ଚକଲେଟ ବଢାଇ ଦେଇ କହିଲେ- କୋଉ କ୍ଲାସରେ ପଢୁଛି ଝିଅ ?

-ସାର ସେ ଏଥର ମାଟ୍ରିକ ପରୀକ୍ଷା ଦେବ ।

-ଆଛା । କୋଉ ସ୍କୁଲ ?

-ଆଜ୍ଞା ସେଣ୍ଟ୍ ଜାଭିୟର୍ସ ।

-ଆଛା, ତମେମାନେ ଏଥର ଆସିପାର । ମୋର ମିଟିଙ୍ଗ ଟାଇମ ହେଇ ଗଲାଣି କହି ଉଠିଲେ ମହାନ୍ତି ସାର । ଫେରିବା ବେଳେ ଆଉଥରେ ଶାନ୍ତନୁ ଆଉ ଶେଫାଳି ନମସ୍କାର କଲେ ତାଙ୍କୁ । ଶେଫାଳି ମଥାରେ ହାତ ବୁଲାଇ ଆଶୀର୍ବାଦ ଦେଲେ ମହାନ୍ତି ସାର । ଶେଫାଳି ଦୃଷ୍ଟିରୁ ଅନ୍ତରାଳ ହେବା ପର୍ଯ୍ୟନ୍ତ ତାକୁ ଚାହିଁ ଠିଆ ହେଇ ରହିଲେ ସେ ।

ଯ୍ୟା ଭିତରେ ଦଶ ଦିନ ବିତି ଯାଇଛି । ଶ୍ୟାମଳୀ ଫେରି ଆସିଛି ପଦ ଯାତ୍ରା ରୁ । ପାର୍ଟି ଅଫିସ ରେ ଆସି ଦେଖାକଲା ସେ ମହାନ୍ତି ବାବୁଙ୍କୁ ପ୍ରଥମେ । ପଦଯାତ୍ରା ସଫଳ ହେଇଛି । ପଦଯାତ୍ରା ର ସବୁ ଶ୍ରେୟ ଶ୍ୟାମଳୀ ପାଇଛି । ତାର ଅକ୍ଳାନ୍ତ ପରିଶ୍ରମ ଫଳରେ ସାଧାରଣ ପଦଯାତ୍ରା ଟି ମହା ପଦଯାତ୍ରାରେ ପରିଣତ ହେଇଛି । ଟାର୍ଗେଟ ଅପେକ୍ଷା ସେମାନେ ଅଧିକ ଗାଁ ଗଣ୍ଡା ବୁଲି ପାରିଛନ୍ତି । ପଦଯାତ୍ରାରେ ହଜାର ହଜାର ସାଧାରଣ ଜନତା ଯୋଗଦେଇ ଅହାକୁ ସଫଳ କରିଛନ୍ତି । ଶ୍ୟାମଳୀଙ୍କ ଉପରେ ସମସ୍ତେ ଖୁସି ଅଛନ୍ତି । ହେଲେ ତାଙ୍କର ଏହି ସଫଳତାରେ ଖୁସି ହେଇ ପାରୁନାହାନ୍ତି ମହାନ୍ତି ସାର । ସେ ଅନ୍ୟ କଥା ବସି ଭାବୁଛନ୍ତି । ପାର୍ଟିର କର୍ମକର୍ତ୍ତା ଚାଲିଯିବା ପରେ ମହାନ୍ତି ସାରଙ୍କ ପାଇଁ ଏକ ପେଗ ସାମ୍ପେନ୍ ଗ୍ଲାସରେ ଢାଳିଲା ଶ୍ୟାମଳୀ । ସାର ଭାରି ବିଷର୍ଣ୍ଣ ଦେଖା ଯାଉଛନ୍ତି । ସାରଙ୍କ ମନ କଥା ବୁଝି ପାରିଲା ସେ । ଏତେ ଦିନ ଧରି ପଦ ଯାତ୍ରାରେ ଥିଲା ସେ । ସାରଙ୍କ ସହିତ ସମୟ ବିତାଇ ପାରିନି । ସେଥିପାଇଁ ସେ ଅସନ୍ତୁଷ୍ଟ । ଗ୍ଲାସରେ ଆଇସ କ୍ୟୁବ ପକାଇ ସାରଙ୍କ ହାତକୁ ବଢାଇ ଦେଇ ପାଖକୁ ଲାଗି ବସିଲା ସେ । କହିଲା–"ସାର! ଆପଣ କ'ଣ ମୋ ଉପରେ ଅସନ୍ତୁଷ୍ଟ? ମୁଁ ତ ପାର୍ଟିର କାମରେ ଯାଇଥିଲି ନା?" କହି ସାରଙ୍କ ଉପରେ ଢଳି ପଡିଲା ସେ । ତାକୁ ଦୂରକୁ ଠେଲି ଦେଇ ମହାନ୍ତି ସାର କହିଲେ– "ତମେ ଆଉ ମତେ ଠକେଇ ପାରିବନି । ଆମ୍ଭ ଲୁଚେଇ ରଖି ମତେ ଆମ୍ଭଡା ଦେଇ ଓକଉଛ?"

–"ବୁଝି ପାରିଲିନି ସାର! ମୁଁ ଆପଣଙ୍କୁଠକିବି କାହିଁକି? ମୋର ତ ଆପଣଙ୍କ ପାଖେ ଅଦେୟ ବୋଲି କିଛି ନାହିଁ । ଆଉ ଲୁଚାଇ ରଖିଲି କ'ଣ? ଆପଣ ତ ମତେ ପାର୍ଟି କାମରେ ପଠାଇଥିଲେ ।"

–"ମୁଁ ତମ କଥା କହୁନି ।"

-"ଆଉ କାହା କଥା କହୁଛନ୍ତି ?"

-"ତମ ଝିଅ ଶେଫାଳି । ଭାରି ସୁନ୍ଦର । କଅଁଳ ଛନ ଛନ ହେଉଛି ? ତାକୁ ଥରେ ମୋ ପାଖକୁ ନେଇ ଆସ । ତମ ଟିକେଟ ଏଥର ପକ୍କା ।"

-"ସାର ! ଆହତ ନାଗୁଣୀ ଭଳି ଗର୍ଜି ଉଠିଲା ଶ୍ୟାମଳୀ । ଏ ଆପଣ କ'ଣ କହୁଛନ୍ତି ? ଆପଣ ହୋସରେ ଅଛନ୍ତି ତ ? ଆପଣଙ୍କ ଝିଅ ସମାନ ସେ । ଆପଣ ଏତେ କଦର୍ଯ୍ୟ କଥା କିପରି କହି ପାରିଲେ ?"

-ଆରେ ଯାଃ । ମା'ତ ସତୀ ଶିରୋମଣି ଆଉ ଝିଅକୁ ସତୀ କରି ରଖିବ । ଟିକେଟ ପାଇବାର ଅଛିତ ଝିଅକୁ ଧରି ଆସେ । ନଚେତ ଏମ୍.ଏଲ୍.ଏ. ହେବା କଥା ଭୁଲିଯା ।

ଅତ୍ୟଧିକ କ୍ରୋଧ ଆଉ ଘୃଣାରେ ଥରୁଥାଏ ଶ୍ୟାମଳୀ । ସେମିତି ଥରିଲା ସ୍ୱରରେ କହିଲା-"ଟିକେଟ ପାଇଁ ମୁଁ ଆପଣଙ୍କର ଏତେ ସେବା କଲି । ପାର୍ଟି ପାଇଁ ଦିନରାତି ଏକକ୍ରି ଖଟିଲି । ଆଉ ଏବେ ମୋ ଝିଅ ଉପରେ ନଜର ପକେଇଛନ୍ତି ଆପଣ ? ସେ କଥା ହେଇପାରିବନି । ମୁଁ ଟିକେଟ ନ ପାଇଲେ ନାହିଁ । ସେଥିପାଇଁ ମୋ ଝିଅକୁ ମୁଁ ବଳି ପକାଇ ପାରିବିନି ।" କହି ଝଡ ବେଗରେ ବାହାରିଗଲା ସେ ।

-"ଆରେ ଯାଃ ଯାଃ, ତୋ ପରି କେତେ ମାଇକିନା ମୁଁ ଦେଖିଛି । ଆଉ ଶୁଣି ରଖ ଏ ମହାନ୍ତି ର ନଜର ଯାହା ଉପରେ ଥରେ ପଡେସେ ତାକୁ କଳେ-ବଳେ-କୌଶଳେ ହାସଲ କରେ । ତୁ କ୍'ଣ ଭାବିଛୁ ତୋ ଝିଅକୁ ତୁ ରକ୍ଷା କରି ପାରିବୁ ? ମନେରଖ ମୁଁ ମହାନ୍ତି ! ଯାହା କହେ ତାହା କାମରେ କରି ଦେଖାଏ ।" କହି ହୋ ହୋ ହେଇ ହସି ଉଠିଲେ ସେ ।

ନିଦରୁ ବିଳିବିଳେଇ ଉଠି ପଡିଲା ଶ୍ୟାମଳୀ । ଶାନ୍ତନୁ କହିଲେ- "କ'ଣ ହେଲା ? ପାର୍ଟି ପାଇଁ ଏତେ ପରିଶ୍ରମ କରୁଛ । ନିଦରେ ବି ବିଳିବିଳାଉଛ । ଶାନ୍ତିରେ ଶୋଇ ବି ପାରୁନ ।" ପାଣି ଗ୍ଲାସଟେ ବଢେଇ

ଦେଲେ ସେ ତାକୁ । ପାଣିତକ ଏକା ନିଶ୍ୱାସକେ ପିଇ ଦେଇ ସେ ଗଲା ଶେଫାଳି ରୁମକୁ । ଶେଫାଳି ବସି ପଢୁଥିଲା । ତାକୁ ଯାଇ କୁଣ୍ଢାଇ ପକାଇ କାନ୍ଦି ଉଠିଲା ସେ ।

–"ତୋର ଯଦି କିଛି ହେଇଯାଏ ମୁଁ ବଞ୍ଚି ପାରିବିନି ମା'! ତତେ ଛାଡି ମୁଁ ଆଉ କୁଆଡେ ଯିବିନି । ଦରକାର ନାହିଁ ମୋର ଟିକେଟ ଫିକେଟ ।

ଶାନ୍ତନୁ କହିଲେ–ଝିଅକୁ ମାସେ ହେଲା ଦେଖିନ ବୋଲି ଏତେ ଇମୋସନାଲ କାହିଁକି ହେଉଛ? ତାର କାହିଁକି କ'ଣ ହେବ? ଆମେ ଅଛୁନା?

–"ତମେ ସତ କହୁଛ ଶାନ୍ତନୁ! ତମେ ମୋ ଝିଅକୁ ସୁରକ୍ଷା ଦେଇ ପାରିବ? କିଛି ହବନିତ ମୋ ଝିଅର?"

–୍‌ତମେ ଚାଲିଲ, ଶୋଇବ ଚାଲ । ଶେଫାଳିକୁ ଡିସ୍ଟର୍ବ କରନି । ତାର ଟେଷ୍ଟ ପରୀକ୍ଷା ମୁଣ୍ଡ ଉଅପରେ ।" କହି ଭିଡି ଭିଡି ସେ ନେଇଗଲା ଶ୍ୟାମଳୀ କୁ ।

–ଶେଫାଳି କୁ କୁହ ସେ ପଢିସାରି ଆମ ପାଖରେ ଆସି ଶୋଇବ । ସେ ଘରେ ଏକା ଶୋଇବନି ।"

–"ଠିକ ଅଛି । ମୁଁ ତା ପାଖରେ ବସୁଛି । ସେ ପଢି ସାରିଲେ ଆମ ରୁମରେ ଶୋଇବ । ତମେ ଶୋଇପଡ ।"

ସୋଫାରେ ବସି ବସି ଭାବୁଥିଲା ଶାନ୍ତନୁ । ଯେବେଠୁଁ ପଦଯାତ୍ରା ରୁ ଫେରିଲାଣି, ତା ଭିତରେ ଏକ ପରିବର୍ତ୍ତନ ଲକ୍ଷ କରୁଛି ସେ । ଏକ ଡର ତା ମନ୍‌ଅରେ ବସା ବାନ୍ଧିଛି । ବିଶେଷ କରି ଝିଅକୁ ନେଇ । ଆଉ ପାର୍ଟି ଅଫିସ ଯିବାର ନାଁ ଧରୁନି । କହିଲେ କହୁଛି ବହୁତ ହେଲା ପାର୍ଟି ପଲଟିକ୍ସ । ତାପାଇଁ ତା ପରିବାର ଆଗ । ତା ଛଡା ଝିଅର ମାଟ୍ରିକ ପରୀକ୍ଷା

ସାମ୍ନାରେ । ତେଣୁ ସେ ଆଉ କୁଆଡେ ଯିବନି । ଝିଅ ପାଖରେ ରହିବ । ତାର ଖାଇବା ପିଇବାର ଯତ୍ନ ନେବ । ସ୍କୁଲ, ଟିଉସନରୁ ନିଜେ ନବା ଆଣିବା କରିବ । ଏତେଦିନ ବୁଝେଇ ବୁଝେଇ ଯୋଉକଥା ସେ ବୁଝୁ ନଥିଲା, ଏବେ ହଠାତ୍ ତାର ଜ୍ଞାନୋଦୟ ଦେଖି ଆଶ୍ଚର୍ଯ୍ୟ ହେଉଥିଲା ଶାନ୍ତନୁ । ଦୁଃଖ ବି ଲାଗୁଥିଲା ତା ପାଇଁ । ଏତେ ପରିଶ୍ରମ କରିବା ପରେ ଟିକେଟ ପାଇବାର ଆଶା ନଥିବାରୁ ବୋଧେ ସେ ଆଉ ପଲଟିକ୍ସ କରିବନାହିଁ ବୋଲି କହୁଛି । ହେଲେ ସେ ଏତେ ଭୟଭୀତ ରହୁଛି କାହିଁକି ? ପଚାରିଲେ ତ କିଛି କହୁନାହିଁ, ଖାଲି କହୁଛି ଝିଅ ବଡ ହେଲାଣି । ଆଜି କାଲି ଯାହା ସବୁ ଅଘଟଣ ଘଟି ଯାଉଛି ତମେ ତ ଦେଖୁଛ । ଆମେ ବାପ ମା' ହେଇ ତାର ସୁରକ୍ଷା କଥା ଚିନ୍ତା କରିବା ନା ନାହିଁ ?

ଦିନେ ଶେଫାଳୀକୁ ଛୁଟି ସମୟରେ ସ୍କୁଲରେ ନ ପାଇ ଧଇଁ ସଇଁ ହେଇ ଘରକୁ ଫେରିଲା ଶେଫାଳୀ । ଘରେ ଆସି ଦେଖିଲା ଶେଫାଳୀ ସୋଫାରେ ବସିଛି ।

–"ତୁ କେମିତି ମତେ ଅପେକ୍ଷା ନକ୍ଅରି ଚାଲି ଆସିଲୁ ଏକା ଏକା ? ଜାଣିଛୁ ତତେ ସେଠି ନ ପାଇ ମୋର ଅବସ୍ଥା କ'ଣ ହେଉଛି ? ତୁ ଆସି ଏଠି ଚୁପ ଚାପ ବସିଛୁ ।"

–"ମାମା! ତମେ ଏତେ ବ୍ୟସ୍ତ କାହିଁକି ହେଉଛ ? ମୁଁ ଗେଟ ପାଖରେ ତମକୁ ଅପେକ୍ଷା କରିଥିଲି । ସାଙ୍ଗମାନେ ସବୁ ଚାଲି ଯାଇଥିଲେ । ତମର ଆସିବା ଡେରି ହେଇଗଲା । ଏତିକି ବେଳେ ପାପାଙ୍କର ଜଣେ ସାଙ୍ଗ ସେବାଟ ଦେଇ ଯାଉଥିଲେ । ମତେ ଏକୁଟିଆ ସ୍କୁଲ ଗେଟ ପାକହ୍ରେ ଦେଖି ତାଙ୍କ ସ୍କୁଟରରେ ଆଣି ଘରେ ଛାଡିଦେଇ ଗଲେ ।

-"ଶେଫାଳି! ତୁ ଆଉ କେବେବି କାହା ସହିତ ଏମିତି ଚାଲି ଆସିବୁନି । ସେ ଚିହ୍ନା ହୁଅନ୍ତୁ କି ଅଚିହ୍ନା ।"

ଶେଫାଳି ମଥା ହଲାଇ ସମ୍ମତି ଜଣାଇଲା । ହେଲେ ଭିତରେ ଭିତରେ ଭାବି ହେଉଥିଲା ମାମାଙ୍କର କ'ଣ ହେଇଛି ଆଜିକାଲି । ସେ ମତେ ନେଇ ଭୟଭୀତ ରହୁଛନ୍ତି କ'ଣ ପାଇଁ?

ଶ୍ୟାମଳୀ ଭାବୁଥାଏ ଶେଫାଳିର ମାଟ୍ରିକ ପରୀକ୍ଷା ସରିଗଲେ ସେ ଏ ସହର ଛାଡି ଚାଲିଯିବ । ଶେଫାଳିକୁ ପ୍ଲସ ଟୁ ରେ ଆଡମିସନ କରିବ ଅନ୍ୟ ସହରରେ । ମହାନ୍ତି କବଳରୁ ତାକୁ ରକ୍ଷା କରିବାକୁ ଏଇ ମାତ୍ର ଗୋଟାଏ ଉପାୟ । ଯେଉଁଠି ତାକୁ କି ତା ଝିଅକୁ କେହି ଚିହ୍ନିବେନି, ଜାଣିବେନି । ଶାନ୍ତନୁ ବି ଭାଳିହେଇଛନ୍ତି ।

ସବୁ କଳ୍ପନା ଜଳ୍ପନା କୁ ଅନ୍ତ କରି ହଠାତ୍ ଦିନେ ପରୀକ୍ଷା ମଝିରେ ଶେଫାଳି ଗାଏବ ହେଇଗଲା । ପୋଲିସ ବହୁତ ଖୋଜା ଖୋଜି କଲାପରେ ଶେଫାଳିର ଶବ ଉଦ୍ଧାର କଲା ଏକ ପରିତ୍ୟକ୍ତ ଅର୍ଦ୍ଧଭଗ୍ନ ଘର ଭିତରୁ । ପୋଷ୍ଟ ମର୍ଟମ ରିପୋର୍ଟ୍ରୁ ଜଣାଗଲା ରେପ ଆଣ୍ଡ ମର୍ଡର ହେଇଛି । ବହୁ ତନାଘନା କରି ମଧ୍ୟ ଦୋସୀକୁ ଧରିପାରି ନାହିଁ ପୋଲିସ ।

ଶ୍ୟାମଳୀ ଯେତେ କହିଲେ ବି ଏ ସବୁର ମୂଳରେ ପାର୍ଟି ଲିଡର ମହାନ୍ତିଙ୍କର ହାତ ଅଛି ବୋଲି ପୋଲିସ ଶୁଣିଲାନି । ବିନା ସାକ୍ଷ୍ୟ ପ୍ରମାଣରେ ଜଣେ ପ୍ରତିଷ୍ଠିତ ଲିଡର ପୁଣି ଯିଏ ଏଥର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତାଙ୍କୁ ଅ ଆଉ ଗିରଫ କରାଯାଇ ପାରିବନି । ଶାନ୍ତନୁ ଥାନାକୁ ଦୌଡି ଦୌଡି ନିରାଶ ହେଇ ଶେଷରେ ଆଶା ବି ଛାଡିଗଲେ । ଶ୍ୟାମଳୀ ଝିଅକୁ ଝୁରି ଝୁରି ଅର୍ଦ୍ଧପାଗଳ । ନିଜ କୃତକର୍ମକୁ ନିନ୍ଦା କରିବା ଛଡା ଆଉ ବା କ'ଣ କରିପାରେ ସେ ?

ଏପଟେ ଏଲେକସନ ପ୍ରଚାର ଜୋରସୋର ଚାଲିଛି । ଶ୍ୟାମଳୀ ଥରେ ଲୁଚିକରି ଘରୁ ପଳାଇ ଆସି ମହାନ୍ତି ଘରକୁ ପଶିବାକୁ ଉଦ୍ୟମ କରୁଥିଲା ବେଳେ ଗାର୍ଡ ତାକୁ ତଡିଦେଲା । ରାସ୍ତା କଡରୁ ଦୁଇ ଚାରିଟା ଢେଲା ଉଠାଇ ସେ ମହାନ୍ତି ଘରକୁ ଫୋପାଡିଲା । ମୁହଁରେ ଯାହା ଆସିଲା ଗାଳି ଦେଉଥାଏ । ପୋଲିସ ଆସି ତାକୁ ଥାନାକୁ ନେଇଗଲା ପାର୍ଟି ଲିଡରଙ୍କ ଉପରେ ଆକ୍ରମଣ କରିଥିବାରୁ । ତାକୁ ଦୁଇ ମାସ ଜେଲ ହେଲା ।

ଜେଲରେ ଦୁଇମାସ ବିତାଇ ଏବେ ଘରକୁ ଫେରିଛି ଶ୍ୟାମଳୀ । ତାଙ୍କ ପାର୍ଟି ଇଲେକସନରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରି ଏବେ ରାଜ୍ୟରେ ଶାସନ କରୁଛି । ପାର୍ଟି ଲିଡର ମହାନ୍ତି ବାବୁ ଏବେ ମୁଖ୍ୟମନ୍ତ୍ରୀ । ଶାନ୍ତନୁ କିଂକର୍ତ୍ତବ୍ୟ ବିମୂଢ ହେଇ ଘରେ ବସି ରହିଛି । ଶ୍ୟାମଳୀର ବଡଲୋକ ହେବାର ସ୍ୱପ୍ନର ମୂଲ୍ୟ ତାଙ୍କର ଫୁଲପରି କୋମଳ ଝିଅକୁ ଦେବାକୁ ପଡିଲା । ବାପ ହେଇ ସେ ଝିଅକୁ ସୁରକ୍ଷା ଦେଇ ପାରିଲେନି । ମୃତ୍ୟୁପରେ ତାକୁ ନ୍ୟାୟ ବି ଦେଇ ପାରିଲେନାହିଁ । ତାଙ୍କ ଫୁଲପରି କୋମଳ ଝିଅକୁ ଦ୍‌ଅଳି ଚକଟି ଦେଇଥିବା ରାକ୍ଷସ ଆଜି ସିଂହାସନ ଅଧିକାର କରି ମୁଖ୍ୟମନ୍ତ୍ରୀ । ସେ ତାର କ'ଣ କରି ପାରିବେ? ଏକ ଦୀର୍ଘ ଶ୍ୱାସ ଛାତି ଥରାଇ ବାହାରିଗଲା ଶାନ୍ତନୁଙ୍କର ।

ଜେଲରୁ ଫେରିଲା ପରେ ଶ୍ୟାମଳୀ ପୂରା ପାଗଳୀ ହେଇ ଯାଇଛି । ଶୂନ୍ୟ ଆଖିରେ ସେ କେବଳ ଶେଫାଳିର ଫଟୋକୁ ଚାହିଁ ରହୁଛି । ବେଳେବେଳେ ହାତ ମୁଠାକରି କହୁଛି "ପାପୀ...ରେପିଷ୍ଟ...ମର୍ଡରର...ମୁଖ୍ୟମନ୍ତ୍ରୀ ହେଇଛୁ! ମୋ ଝିଅକୁ ନ୍ୟାୟ ଦେଇ ପାରିବୁ? ରାଜ୍ୟ ଶାସନ କରିବୁ ରାଜା ହେଇଛୁ...ମନ୍ତ୍ରୀ ହେଇଛୁ...ଭୋଗ କରୁଛୁ...ହିଃ ହିଃ ହିଃ-ହସୁ ହସୁ କେତେବେଳେ କାନ୍ଦୁଛିତ ପୁଣି କେତେବେଳେ କାନ୍ଦୁକାନ୍ଦୁ ହସୁଛି ।

-ଇ-୩୦୩, ସେଣ୍ଟ୍ରାଲ୍ ଆପାର୍ଟମେଣ୍ଟ୍
ପ୍ଲଟ୍ ନଂ-୨୨୭,ଦୟାଲ୍ ଦାସ ରୋଡ୍

*ଗଳ୍ପ*

# ଦୁହିତା ଦୁଇ କୁଳକୁ ହିତା ବନାମଦୁହିତା ଜଗତକୁ ପିତା



-ବନମାଳୀ ମହାପାତ୍ର

ନାରୀ ଜାତିକୁ ସମ୍ମାନ ଦେବା ଆମ ଭାରତୀୟ ସଂସ୍କୃତି ଓ ପରମ୍ପରା । କାହିଁକି ନା ଭାରତୀୟ ଐତିହାସିକ ତଥା ପୌରାଣିକ ପୃଷ୍ଠଭୂମି ଠାରୁ ଆରମ୍ଭ କରି ସାମ୍ପ୍ରତିକ ସାମାଜିକ କାର୍ଯ୍ୟଧାରାକୁ ଲକ୍ଷକଲେ ପ୍ରତୀୟମାନ ହୁଏ ଯେ ଭାରତୀୟ ନାରୀ ଯୁଗେ ଯୁଗେ ମହାସତୀ ସାବିତ୍ରୀ, ପରମ ସାଧ୍ୱୀ ମାତାସୀତା, ବୀରା ରମଣୀ ଲକ୍ଷ୍ମୀବାଈ, ରାଜନିତୀ ବିଶାରଦା ଇନ୍ଦିରା ଗାନ୍ଧି ତଥା ଶିଳ୍ପ ବିପ୍ଳବି 1 ଇନ୍ଦିରା ନୂୟୀ ଆଦି ଚରିତ୍ରରେ ସର୍ବଜନ ବିଦିତା ହୋଇପାରିଛନ୍ତି ।

ଆଲୋଚ୍ୟ ପ୍ରବନ୍ଧରେ ଦୁହିତା ଦୁଇ କୁଳକୁ ହିତା କହିବାର ତାତ୍ପର୍ଯ୍ୟ ଏହିକି ଯେ ନାରୀ ଜନ୍ମ ପରଘରକୁ ଉଦ୍ଦିଷ୍ଟ । ପିତୃ କୁଳରେ ସେ ଲାଳନ ପାଳନ ହୋଇଥିଲେ ମଧ୍ୟ ତା'ର ନାରୀ ଜୀବନରେ ସାର୍ଥକତା ଆସିଥାଏ ସେ ନିଜକୁ ଶ୍ରୀମନ୍ତିନୀ ବେଶରେ ସଜାଇ ଶ୍ୱଶୁରାଳୟକୁ

ଗଲା ପରେ । କାରଣ ପିତ୍ରାଳୟରେ ସେ କେବଳ ଦୁହିତା ଓ ଭଗି ୀର ରୂପ ନେଇଥିଲା ବେଳେ ଶ୍ୱଶୁରାଳୟରେ ସେ ଜାୟା ତଥା ମାତୃ ରୂପରେ ନିଜକୁ ଗଢିଥାଏ । ନିଜର ଆଦର୍ଶ ଚରିତ୍ରବତ୍ତା, ନୀତିବତ୍ତା ବଳରେ ସେ ପୂଜ୍ୟାହୋଇ ଦୁଇ କୂଳ ଅର୍ଥାତ୍ ପିତା ମାତା ତଥା

ଶ୍ୱଶୁରାଳୟର ବଂଶ ମର୍ଯ୍ୟାଦା ରକ୍ଷା କରି ଦୁଇ କୂଳର ହିତ ସାଧନ ପୂର୍ବକ 'ଦୁହିତା' ନାମର ସାର୍ଥକତା ପ୍ରମାଣିତ କରେ । ତଥାପି କିଛି କ୍ଷେତ୍ରରେ ନିଜର ଅଶିକ୍ଷା ତଥା ପିତା ମାତାଙ୍କର ଭୁଲ୍ ଲାଳନପାଳନ ଯୋଗୁଁ ନାରୀ ବିପଥଗାମି ୀ ହୋଇଯାଏ । କେତେ କ୍ଷେତ୍ରରେ ପୁରୁଷର ର ସଂକୀର୍ଣ୍ଣ ସ୍ୱାର୍ଥ ମନୋବୃତ୍ତି ପାଇଁ ମଧ୍ୟ ନାରୀକୁ ଅପବାଦ ସହ୍ୟ କରିବାକୁ ପଡିଥାଏ । ତ୍ୟାଗ ଓ ସେବା ମନୋଭାବ ନାରୀର ଗହଣା ସଦୃଶ । କଦାଚିତ୍ ଏହାର ଅଭାବରେ ନାରୀ ଘୃଣିତ କାର୍ଯ୍ୟ କରିବାକୁ ପଛାଏ ନାହିଁ । ଅନେକ କ୍ଷେତ୍ରରେ ଶ୍ୱଶୁରଘରର ହୀନ ଚକ୍ରାନ୍ତ ଯୋଗୁଁ ମଧ୍ୟ ନାରୀ ଲଜ୍ୟା ଓ ଅପମାନର ଶୀକାର ହୋଇଥାଏ । ପୁନଶ୍ଚ ଏପରି କିଛି ନାରୀ ବିଶେଷ ଅଛନ୍ତି ଯେଉଁମାନେ କି ନା ପିତା ମାତାଙ୍କର ନା ସମାଜର ଶୃଙ୍ଖଳା ଭିତରେ ରହିବାକୁ ଚାହାନ୍ତି । ସ୍ୱେଛାଚାରୀ ହୋଇ ନିଜ ପିତା ମାତାଙ୍କର କଉଣସି କଥାକୁ ଖାତିର କରନ୍ତି ନାହିଁ । ନିଜର ଟାଣପଣ ଦେଖାଇ ଏଘର ମାଉସୀ ସେଘର ପିଉସୀ ହେଇ ସତର ଭାଙ୍ଗି ସତେଇଶି କରନ୍ତି ।

କିନ୍ତୁ ସେ ଯାହା ହେଉ ପଛେ ଜଗତକୁ ପିତା ଲାଗୁଥିବା ଏପରି ଉଗ୍ରା ଲଗାମଛଡା, ଉଚ୍ଛୃଙ୍ଖଳା ନାରୀ ମାନଙ୍କୁ ଗଢିବା ପାଇଁ ଏ ସଂସାର ହିଁ ଦାୟୀ । ଯଦି ଶିକ୍ଷକ, ଅଭିଭାବକ, ବନ୍ଧୁ ବାନ୍ଧବ, ଜ୍ଞାତି କୁଟୁମ୍ବ ମାନଙ୍କ ସୁପ୍ରଭାବ ପିଲାବେଳରୁ ହିଁ ସେମାନଙ୍କ ଉପରେ ପଡେ ତେବେ ସେମାନେ କେବେ ବି ଭୁଲ୍ ବାଟରେ ଯିବେନି । ନାରୀ ହିଁ ସୃଷ୍ଟି ନାରୀ ହିଁ ପ୍ରଳୟ ।

ସେ ସର୍ବସଂହା' ଧରିତ୍ରୀ' ଓ ସର୍ବସଂହାରିଣୀ 'ଶ୍ମଶାନ କାଳୀ' । ପ୍ରତିଟି ନାରୀ ରେ ଲୁକ୍କାୟିତ ରହିଛି ଆମ ସଂସାରର ଆଗାମୀ ଭବିଷ୍ୟତ । ତେଣୁ ପ୍ରତିଟି ନାରୀ ପୂଜନୀୟା ପ୍ରତିଟି ନାରୀ ନମସ୍ୟା ।

**ବୀର ରସିଂହପୁର ଶାସନ,**

ଗଳ୍ପ

ପୁରୀ, ୭୫୨୦୧୨

# ଭାଗ୍ୟର ବିଡମ୍ବନା ଓ ଯୋଗ୍ୟତାର ମାପକାଠି



**-ବନମାଳୀ ମହାପାତ୍ର**

ଏ ଅଧମ ଲେଖକ କୌଣସି ବିଶ୍ୱବିଦ୍ୟାଳୟ ଡିଗ୍ରୀଧାରୀ ଉଚ୍ଚ ଶିକ୍ଷିତ, କବି, ଉପନ୍ୟାସକାର କିମ୍ବା ଗାଳ୍ପିକ ନୁହେଁ। ନିମ୍ନ ବର୍ଣ୍ଣିତ ଗପଟି କୌଣସି କପୋଳ କଳ୍ପିତ କାହାଣୀ ନହେଇ ବରଂ ଲେଖକର ଅଙ୍ଗେନିଭା କଥା । ଲେଖିବାର ଦୁର୍ବାର ଅଭିପ୍ସା ତଥା ସମ୍ମୁଖୀନ ହୋଇଥିବା ସାମାଜିକ ବ୍ୟଥା ଲେଖକର ପ୍ରେରଣାର ଉତ୍ସ । ଏହା ସହିତ ସମାଜରେ ଭଦ୍ରମୁଖାଧାରୀ ବ୍ୟକ୍ତି ମାନଙ୍କ ଅସଲ ରୂପ ଦେଖାଇବା ଓ ଆମ ପୂର୍ବସୁରୀ ମୁନିଋଷି ସମାଜ ସଂସ୍କାରକ ମାନଙ୍କ ଆପ୍ତବାକ୍ୟ ନୀତିବାଣୀକୁ ସତ୍ୟ ପ୍ରମାଣିତ କରିବା ଏ ଅକିଞ୍ଚନର ଉଦ୍ୟମ ।

କଥାଟି ଆମର ପୁରୀ ଜିଲ୍ଲାସ୍ଥିତ ଗୋଟିଏ ସମ୍ଭ୍ରାନ୍ତ ବ୍ରାହ୍ମଣ ଶାସନରେ ଥିବା ତିନୋଟି ପଡୋଶୀ ପରିବାରକୁ ନେଇ ଯାହାର କି' ଥିଲା ବଂଶାନୁଗତ ସମ୍ପର୍କ। ରିବାରଗୁଡିକ ପରସ୍ପରର ଜ୍ଞାତି ଥିଲେ କହିଲେ ଅତ୍ୟୋକ୍ତି ହେବନାହିଁ । କଥାରେ ଅଛି "ଭାଗ୍ୟଂ ଫଳତି ସର୍ବତ୍ର ନ ଚ ବିଦ୍ୟାଂ ନ ଚ ପୌରୁଷଂ" । ଏହି ଆପ୍ତ ବାକ୍ୟଟି ସେମାନଙ୍କ

ପରିବାରରେ କିପରି ସତ୍ୟ ପ୍ରମାଣିତ ହୋଇଛି ତାହା ସେମାନଙ୍କର ତିନିପିଢିର ସଦସ୍ୟମାନଙ୍କ କର୍ମ ସଂସ୍ଥାନ, ବିଦ୍ୟାଧ୍ୟୟନ ଓ ସାମାଜିକ ଚାଲି ଚଳନରୁ

ସୁବିଦ୍ୟମାନ । ଏହି ତିନି ପରିବାରର ପ୍ରଥମ ପିଢିର ସଦସ୍ୟ ଥିଲେ ଯଥାକ୍ରମେ ନିଧିମିଶ୍ର, ଭଗବାନ ମିଶ୍ର ଓ ସୌମ୍ୟଦର୍ଶ ମିଶ୍ର । ସେମାନଙ୍କ ଭିତରେ ନିଧି ବାବୁ ଥିଲେ ବୟୋଜେଷ୍ଠ । ସେ ଜଣେ କରି କରିତକର୍ମା ପରୋପକାରୀ ବ୍ୟକ୍ତି ଥିଲେ । ନିଜ ତଥା ଆଖପାଖ ଗାଁ ମାନଙ୍କରେ ସେ ନିଜର ପରୋପକାରୀ ଗୁଣ ନିମନ୍ତେ ସର୍ବଜନ ବିଦିତ ଥିଲେ । ଗାଁର ଯାନିଯାତ୍ରା, ହାନିଲାଭ, ମେଳା ମଉଛବ ତଥା ବିପଦ ଆପଦରେ ବି ସେ ଆଗ ଅଣ୍ଟା ଭିଡି ବାହାରି ପଡୁଥିଲେ । କିନ୍ତୁ ସେ ସମୟରେ ପାଠପଢାର ଅଳ୍ପ ପ୍ରସାରତା ହେତୁ ସେ ଅଣମାଟ୍ରିକୁଲେଟ୍ ଥିଲେ । ଉଭୟ ଭଗବାନ ଓ ସୌମ୍ୟ ବାବୁ ଥିଲେ ମ୍ୟାଟ୍ରିକୁଲେଟ୍ ଓ ବେତନଭୋଗୀ ସରକାରୀ କର୍ମଚାରୀ । ସେଥିପାଇଁ ସେମାନେ ଅଗ୍ରଜତୁଲ୍ୟ ନିଧି ବାବୁଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶ କରୁ ନଥିଲେ ଏବଂ ହୀନ ଦୃଷ୍ଟିରେ ଦେଖୁଥିଲେ । ଯଦିଓ କନିଷ୍ଠ ସୌମ୍ୟଦର୍ଶ , ନିଧିବାବୁଙ୍କ ପରୋପକାରୀ ଗୁଣ ଯୋଗୁଁ ତାଙ୍କୁ ଯତ୍‌କିଞ୍ଚିତ ଭକ୍ତି ଓ ସମ୍ମାନ ପ୍ରଦର୍ଶ କରୁଥିଲେ, ଭଗବାନ ମିଶ୍ରଙ୍କ କୁଚକ୍ରାନ୍ତ ଓ ଇର୍ଷା ଯୋଗୁଁ ଉଭୟେ ନିଧି ମିଶ୍ରଙ୍କ ଲୋକପ୍ରିୟତାକୁ ସହ୍ୟ କରିପାରୁ ନଥିଲେ । ସେଥିପାଇଁ ସେମାନେ ତାଙ୍କର ନିନ୍ଦାଗାନ ତଥା କୁତ୍ସାରଟନା କରିବାକୁ ମଧ୍ୟ ପଛାଉ ନଥିଲେ ।

ଏପରି ସମୟ ଭିତରେ ଥରେ ଗାଁରେ ହଇଜା ବ୍ୟାପିଗଲା । ହଇଜାର ପ୍ରକୋପ ଏତେ ତୀବ୍ର ଥିଲା ଯେ ଚାହୁଁ ଚାହୁଁ ଅଧା ଗାଁ ଏଥିରେ ଆକ୍ରାନ୍ତ ହେଇଗଲା । ଶ୍ମଶାନରେ ଚିତାଗ୍ନି ଆଉ ଲିଭିଲାନି । ଶେଷରେ ଏପରି ହେଲା ଯେ କିଛି କିଛି ପରିବାରରେ ଶବ ସତ୍କାର କରିବାକୁ ମଧ୍ୟ କେହି ବଞ୍ଚିଲେ । ଘରେ ଓ ଗାଁ ଦାଣ୍ଡରେ ଶବ ପଡି ରହିଲା । ସମାଜର ତଥାକଥିତ ପାଠପଢୁଆ ଭଦ୍ରଲୋକମାନେଭୟରେ କବାଟ କିଳି ଘରେ ପଶିଲେ । ଏପରି ସମୟରେ ନିଧି ବାବୁ ନିଜ ସ୍ତ୍ରୀ ପିଲାଙ୍କ କଥା ଚିନ୍ତା ନକରି ଅଣ୍ଟା ଭିଡି ବାହାରି ପଡିଲେ । ଶେଷ ସମୟର ମର୍ଯ୍ୟାଦା ସମସ୍ତଙ୍କର ଅଧିକାର । କେତେ ଶବ ସେ ନିଜେ ଉଠେଇନେଇ ମଶାଣୀରେ ପକେଇଲେ । କେତେ କେତେ ଲୋକଙ୍କର ଶବ ସତ୍କାର ସେ ଏକୁଟିଆ କଲେ । ତାଙ୍କର ଏପରି ଅଦମ୍ୟ ସାହସ ଓ ଦମ୍ଭ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା

ଯୋଗାଇଲା ଓ ପୁରା ଗାଁ ହଇଜାର ବ୍ୟାପକତାକୁ ରୋକିବାପାଇଁ ସଜାଗ ହୋଇଉଠିଲା । ଗାଁରେ କିପରି ଆଉ ରୋଗ ନହେବ ସେଥିପାଇଁ ନାନା ପଦକ୍ଷେପ ନିଆଗଲା । ସାମାଜିକ ପରମ୍ପରା ଓ ଚଳନୀକୁ ଆଖି ଆଗରେ ରଖି ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଏକ ସାମୂହିକ ଉତ୍ସବର ଆୟୋଜନ କରାଗଲା । ଏସବୁ ପଛରେ ଥିବା ନିଧିବାବୁଙ୍କର ଲୋକପ୍ରିୟତା ଆହୁରି ବଢିଗଲା । ଲୋକମାନଙ୍କ ପାଖରେ ତାଙ୍କ ପାଇଁ ଥିବା ଆଦର ସମ୍ମାନରେ ପରିଣତ ହୋଇଗଲା । କିନ୍ତୁ ଭଦ୍ରମୁଖାଧାରୀ ସଇତାନ୍ ମାନେ ନିଧିବାବୁଙ୍କର ଏପରି ଲୋକପ୍ରିୟତା ଦେଖି ଇର୍ଷାରେ ଜଳି ପାଉଁଶ ହୋଇଗଲେ ।

ନିଜର ସୀମିତ ଆୟ ଯୋଗୁଁ ନିଧିବାବୁଙ୍କୁ ଘର ଚଳାଇବା ପାଇଁ କଠି ପରିଶ୍ରମ କରିବାକୁ ପଡୁଥିଲା । କିନ୍ତୁ ସେଥିରେ ସେ ବିଚଳିତ ନ ହୋଇ ନିଜ ପୁତ୍ର କନ୍ୟା ମାନଙ୍କର ବ୍ରତଘର ଓ ବିବାହଆଦି କାର୍ଯ୍ୟ ଯଥୋଚିତ ସାମାଜିକ ମର୍ଯ୍ୟାଦାର ସହିତ ସମ୍ପନ୍ନ କରିଛନ୍ତି। ଭୋଜିଭାତରେ ଗ୍ରାମବାସୀଙ୍କ ମନ ଆପାୟିତ କରିଛନ୍ତି ।

"କପାଳ ଲିଖନ କେ କରିବ ଆନ" । ନିଧିବାବୁ ବାର୍ଦ୍ଧକ୍ୟର ଦାରୁଣଦୁଃଖକୁ ଆଡେଇ ଦେଇ ପରଲୋକଗତ ହୋଇଗଲେ । କିନ୍ତୁ ତାଙ୍କ ପଛରେ ଛାଡିଦେଇଗଲେ ପରୋପକାରୀତାର ଅପାସୋରା ନିଦର୍ଶ । ଅପର ପକ୍ଷରେ ଉଭୟ ଭଗବାନ ବାବୁ ଓ ସୌମ୍ୟ ବାବୁ ଏହାର କିଞ୍ଚିତ ମାତ୍ର ମଧ୍ୟ ହାସଲ କରିପାରି ନଥିଲେ ।

ସେମାନଙ୍କ ପରିବାରର ଦ୍ଵିତୀୟ ପିଢିର ସଦସ୍ୟ ମାନଙ୍କ ମଧ୍ୟରେ ଭଗବାନ ମିଶ୍ରଙ୍କ ପୁତ୍ର ଦୁର୍ଗା ପ୍ରସାଦ ଥିଲେ ବୟୋଜେଷ୍ଠ । ନିଧିମିଶ୍ରଙ୍କ ପୁତ୍ର ଗୋକୁଳ ପ୍ରସାଦ ଓ ସୌମ୍ୟମିଶ୍ରଙ୍କ ପୁତ୍ର ହରପ୍ରସାଦ ଥିଲେ ତାଙ୍କ ଅନୁଜୋପମ । ଉଭୟ ଦୁର୍ଗା ଓ ହର ବାବୁ ଥିଲେ ବିଶ୍ଵବିଦ୍ୟାଳୟ ଡିଗ୍ରୀଧାରୀ । କିନ୍ତୁ ଏହି ଉଚ୍ଚଶିକ୍ଷା ତାଙ୍କୁ ଅଧ୍ୟାପନାର ଗୁରୁଦାୟିତ୍ଵ ପ୍ରଦାନ କରାଇବା ପାଇଁ ଯଥେଷ୍ଟ ନଥିଲା । ତଥାପି ସେମାନଙ୍କର ଉଚ୍ଚଶିକ୍ଷାରୁ ଜାତ ଅହଂକାର କମ୍ ନଥିଲା । ଆଜିକାଲିର ତଥାକଥିତ ଉଚ୍ଚଶିକ୍ଷିତ ମାନେ ବୋଧେହୁଏ ଯଥୋଚିତ ଶାସ୍ତ୍ରଧ୍ୟୟନ କରି ନାହାନ୍ତି କାରଣ "ବିଦ୍ୟା ଦଦାତି ବି ୟମ୍" ।

ଗୋକୁଳ ପ୍ରସାଦ କିନ୍ତୁ ଉଚ୍ଚଶିକ୍ଷିତ ନଥିଲେ । ସେଥିପାଇଁ ସେ ଅର୍ଦ୍ଧଶିକ୍ଷିତର ଆଖ୍ୟା ପାଇ ବହୁତ ସମାଲୋଚନାର ଶୀକାର ହୋଇଛନ୍ତି । ନିଧିମିଶ୍ରଙ୍କ ବିୟୋଗପରେ ସେ ଅଭିଭାବକ ଶୂନ୍ୟ ହୋଇ ଦିଗହରା ହୋଇ ଉଠିଥିଲେ । କିନ୍ତୁ ସେଥିରେ ସେ ଭାଙ୍ଗି ନ'ଯାଇ ପରିବାରର ବୋଝ ନିଜେ ସମ୍ଭାଳି ନେଇଥିଲେ । ନିଜ ସାନ ଭଉଣୀକୁ ବାହା ଦେଲେ, ସାନ ଭାଇକୁ ଉଚ୍ଚ ଶିକ୍ଷିତ କରାଇଲେ । ନିଜ ସାନଭାଇକୁ ବିଦେଶଯାଇ ବୈଜ୍ଞାନିକ ଗବେଷଣା କରିବାର କ୍ଷମତାର୍ପଣ କଲେ । ଏପରି କାର୍ଯ୍ୟ ଦୁର୍ଗା ଓ ହରବାବୁଙ୍କ ପାଇଁ ଦିବାସ୍ୱପ୍ନ ସଦୃଶ ଥିଲା । ଏଥିଯୋଗୁ ସେମାନେ ସେହି ହତଭାଗ୍ୟ ସ୍ୱଳ୍ପଶିକ୍ଷାଧାରୀ ଗୋକୁଳ ବାବୁଙ୍କ ପ୍ରତି ଈର୍ଷାପରାୟଣ ହୋଇ ତାଙ୍କ ନାମରେ କୁତ୍ସାରଟନା କରିବାକୁପଶ୍ଚାତପଦ ହୋଇନଥିଲେ । ଏହା ସତ୍ତ୍ୱେ ଗୋକୁଳପ୍ରସାଦ ସେମାନଙ୍କର ବିରୋଧାଭାସ ନ'କରି ନିର୍ବିକାର ଚିତ୍ତରେ ସବୁ ସହ୍ୟକରି ସେମାନଙ୍କ ସହିତ ସାମାଜିକ ବନ୍ଧନ ବଜାୟ ରଖିଛନ୍ତି । କାରଣ ସେ ଦୃଢ ଭାବରେ ଅବଗତ ଯେ "ଧର୍ମ ସି । ଏକା ମହତ ପଣିଆ ଆଉ ସବୁ ଅଟେ ଅଢେଇ ଦିନିଆ" । ପରିଣାମସ୍ୱରୂପ ଗୋକୁଳବାବୁଙ୍କ କନ୍ୟା ଓ ପୁତ୍ର ଆଜି ଉଚ୍ଚଶିକ୍ଷିତ ହୋଇଭାରତର ମହାନଗରୀ ମାନଙ୍କରେ ସରକାରଙ୍କର ସମ୍ମାନାସ୍ପଦ ପଦ ମାନଙ୍କରେ ଗାଦିସୀନ । ଦୁର୍ଗା ଓ ହରବାବୁଙ୍କ ତୃତୀୟ ପିଢୀର ସନ୍ତାନ ମାନଙ୍କ ପାଇଁ ଏପରି ପଦ ଓ ପଦବୀ ଏବେବି ଦିବା ସ୍ୱପ୍ନ ହୋଇ ରହିଛି । ତଥାପି ଅନୁତାପ ବଦଳରେ, ସେମାନେ ଏବେବି ଖୋଲି ସାରିଥିବା ଭଦ୍ର ମୁଖାକୁ ପୁନଃ ପରିଧାନ କରିବାକୁ ଉଦ୍ୟତ । କାରଣ କଥାରେ ଅଛି 'ମଣିଷ ପ୍ରକୃତି ମଲେ ତୁଟେ, ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ' । କିନ୍ତୁ ଏହିଠାରେ ପାଠକେ ବିଚାର କରନ୍ତୁ କାହା ପାଇଁ ଭାଗ୍ୟର ବିଡମ୍ବନା ଓ କାହା ପାଇଁ ଯୋଗ୍ୟତାର ମାପକାଠି ।

**ବୀର ରସିଂହପୁର ଶାସନ,**

**ପୁରୀ, ୭୫୨୦୧୨**

ଗଳ୍ପ

# ବାର୍ଦ୍ଧକ୍ୟର ସ୍ୱର



-ବିଶ୍ୱନାଥ ମିଶ୍ର

ଜଗନ୍ନାଥ ବାବୁ କାନ୍ଦୁଥିଲେ, ତାଙ୍କ ଅଜାଣତରେ ଆଖିରୁ ଧାର ଧାର ଲୁହ ବୋହିଯାଉଥିଲା। ବୈଶାଖ ମାସର ମଧ୍ୟାହ୍ନ ବାହାରେ ଝାଞ୍ଜି-ପବନ ସହିତ ଅଗ୍ନି ବର୍ଷା ହେଉଥାଏ। ରାସ୍ତାଘାଟ ଜନ-ମାନବ ଶୂନ୍ୟ। ନିଜର ଛୋଟ ଘରର ଅନ୍ୟ ଏକ୍ କୋଠରୀରେ ଖଟ ଉପରେ ତକିଆକୁ ଭରାଦେଇ କାନ୍ଥରେ ଆଉଜି ପଡିଥାନ୍ତି। ସବୁଆଡେ ଶୁନ୍-ଶାନ୍। ଘରେ ଅନ୍ୟକେହି ନାହାନ୍ତି। ପରିବାରର ସଦସ୍ୟ ମାତ୍ର ସ୍ୱାମୀ-ସ୍ତ୍ରୀ ଦୁଇଜଣ। ଅବସର ପ୍ରାପ୍ତ ସତୁରୀ ବର୍ଷୀୟ ପ୍ରାଥମିକ ଶିକ୍ଷକ ସେ ଓ ତାଙ୍କର ରୁଗ୍ଣା ସ୍ତ୍ରୀ, ବୃଦ୍ଧା ଜାନକୀ ଦେବୀ। ଏପରି ଏକ ନିର୍ଜନ ପରିବେଶରେ ଜଗନ୍ନାଥ ବାବୁଙ୍କ ଆଖି ଆଗରେ ଭାସି ଯାଉଥାଏ ଜନ୍ମରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ତାଙ୍କ ଜୀବନ ଗୋଟିଏ ପରେ ଗୋଟିଏ ଦୁଃଖଦ ଦୃଶ୍ୟାବଳୀ।

ବାଲେଶ୍ୱର ଜିଲ୍ଲାର ଏକ ଅଖ୍ୟାତ ଗାଁ ମାଳତୀପୁରର ଏକ ନିମ୍ନ ମଧ୍ୟବିତ ପରିବାରରେ ତାଙ୍କର ଜନ୍ମ । ବାଲ୍ୟକାଳରୁ ବାପା-ମାଙ୍କୁ ହରାଇଥିଲେ । ତାଙ୍କର ଅନ୍ୟ ଭାଇ-ଭଉଣୀ କିମ୍ବା ରକ୍ତ ସଂର୍ପକୀୟ ଜ୍ଞାତି ନ୍ଥିବାରୁ, ଜଣେ ଦୂର ସଂପର୍କୀୟ ତାଙ୍କର ଲାଳନ ପାଳନର ଦାୟୀତ୍ୱ ନେଇଥିଲେ । ବହୁ କଷ୍ଟରେ ବାଲେଶ୍ୱର ଜିଲ୍ଲାସ୍କୁଲ୍‌ରୁ ମେଟ୍ରିକ୍ ପାଶ କଲାପରେ ଅର୍ଥାଭାବରୁ କଲେଜ ଶିକ୍ଷାରୁ ବଂଚିତ ହେଲେ । ଶେଷରେ ଗାଁ ପ୍ରାଥମିକ ସ୍କୁଲ୍‌ରେ ଶିକ୍ଷକ ଜୀବନ ଆରମ୍ଭ କଲେ । ଚାକିରୀ କରିବାର ତିନି ବର୍ଷପରେ ପଡୋଶୀ ଗାଁର ଏକ ଝିଅ ସହିତ ବିବାହ ହେବାର ଅଳ୍ପଦିନ ପରେ ତାଙ୍କ ଶଶୁରଙ୍କର ମୃତ୍ୟୁ ହେଲା । ସ୍ୱଳ୍ପ ପୈତୃକ ସଂପତିକୁ ବେଉଷଣ କରି ଏବଂ ଅଳ୍ପ ଦରମା ଗଣ୍ଡାକ ମିଶାଇ ଦୁଏ ଜଣିଆ କ୍ଷୁଦ୍ର ପରିବାରଟି ସୁରୁଖୁରୁରେ ଚଳି ଯାଉଥିଲା । ବିବାହର ଦୁଇ ବର୍ଷପରେ ତାଙ୍କର ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲା । ପୁଅ ବଂଶରକ୍ଷା କରିବ ଓ ବାପା-ମାଙ୍କର ବୃଦ୍ଧାବସ୍ଥାରେ ଏକମାତ୍ର ଅବଲମ୍ବନ ହେବ, ଏହା ଚିନ୍ତାକରି ଜନ୍ମରୁ ତାର ଲାଳନ-ପାଳନରେ କୌଣସି ତୃଟି ସେମାନେ କରିନାହାନ୍ତି । ପୁଅ କ୍ରମେ ବଡହେଲା । ଗାଁ ହାଇସ୍କୁଲ୍‌ଅରୁ ପ୍ରଥମ ଶ୍ରେଣୀରେ ପାଶ୍‌କଲା ।

ମେଟ୍ରିକ୍ ପାଶ କରିବାପରେ ଜଗନ୍ନାଥବାବୁ ପୁଅକୁ ଉଚଶିକ୍ଷା ପାଇଁ ଭୁବନେଶ୍ୱର ବି.ଜେ.ବି. କଲେଜ, ତାପରେ ରେଭେନ୍‌ସା କଲେଜ ଏବଂ ଶେଷରେ ଦିଲ୍ଲୀର ଜେ.ଏନ୍.ୟୁ. କୁ ପଠାଇଲେ । ପଢାଖର୍ଚ୍ଚ ଏତେ ବେଶି ହୋଇପଡିଥିଲା ଯେ ଘରଡିଅ ଖଣ୍ଡକ ବ୍ୟତୀତ ଅନ୍ୟ ସମସ୍ତ ଚାଷ ଜମି ବିକ୍ରୟ ସରିଥାଏ ଏବଂ ବନ୍ଧୁ-ବାନ୍ଧବଙ୍କ ଠାରୁ ଧାର କରଜ ଅନେକ କରି ପକାଇଥାନ୍ତି । କିନ୍ତୁ ତାଙ୍କ ପୁଅର କିଛି ଅଭାବ ସେ ରଖି ନଥାନ୍ତି । ବୁବୁ ଜ୍‌ଅଣେ ଧନୀ ଘରର ପୁଅ ଭଳି ଚଳୁଥାଏ । ପୋଷାକ-ପରିଚ୍ଛଦ ଉଚ୍ଚକୋଟୀର, ପାଠ୍ୟ-ପୁସ୍ତକ, ପାଠ୍ୟ ସହଯୋଗୀ ପୁସ୍ତକ ତଥା ଅନ୍ୟ

ପାଠ ଉପକରଣର ଅଭାବ ସେ କେବେ ଅନୁଭବ କରିନାହିଁ । ବିଜିନେସ୍ ମ୍ୟାନେଜ୍‌ମେଣ୍ଟରେ ଏମ୍.ଏ. ପାଶ୍ କରି ସେଠାରେ ଏମ୍.ଫିଲ୍ କଲା ଏବଂ ପରେ ପି.ଏଚ୍.ଡି. କରୁଥିବା ସମୟରେ ନିଜର ଭପିଷ୍ୟତ ବିଷୟରେ ଚିନ୍ତାକରି ଘରକୁ ଚିଠି ଲେଖିଥିଲା–

"Father, My future is dark and uncertain. I may commit suicide"

ଏ ଚିଠିଟି ପଢି ଜଗନ୍ନାଥ ବାବୁ ଏତେ ମ୍ରିୟମାଣ ହୋଇ ପଡିଲେ ଯେ ଚିନ୍ତାରେ ଦୁଇଦିନ ଜ୍ୱରରେ ପଡିଗଲେ । ପୁଅ ପାଖକୁ ଜଗନ୍ନାଥ ବାବୁ ଚିଠି ଲେଖିଲେ– "ଶ୍ରଦ୍ଧେୟ ବୁବୁ, ତୋ ଚୋଠି ମୋତେ ଓ ତୋ ମାକୁ ବହୁ ଯନ୍ତ୍ରଣା ଦେଇଛି । ତୋ ମନରୁ ଏ ପ୍ରକାର ଭାବ ଦୂର କରିଦେ, ଜୀବନ ଗତିପଥ ବହୁତ ଲମ୍ବା, ହତାଶ ହେବାର କିଛି କାରଣ ନାହିଁ । ପି.ଏଚ୍.ଡି. ପରେ ଘରକୁ ଫେରିଆ, ପେଟ ଅପୋଷା ରହିବନାହିଁ ।"ଭଗବତ୍ କୃପାରୁ ଅଳ୍ପଦିନ ମଧ୍ୟରେ ବୁବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ Sales Executive ଚାକିରୀ ପାଇଲା । ବାପା–ମାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଦିଲ୍ଲୀ, ମୁମ୍ବାଇ, କୋଲକତା ଏବଂ ଚେନ୍ନାଇ ଭଳି ଦେଶର ବୃହତ୍ତମ ନଗରୀ ମାନଙ୍କରେ ଥିବା କମ୍ପାନୀର ଅଫିସରେ ସେ ଚାକିରୀ କଲା । ପ୍ରଥମ ଦରମା ପାଇ ବାପାଙ୍କ ପାଖକୁ ଟଙ୍କା ପଠାଇଥିଲା । ବାପା ଚିଠିରେ ଆଉ ଟଙ୍କା ନପଠେଇବାକୁ ଲେଖିଥିଲେ । ପୁଅ ପାଇଁ ଅର୍ଥଚିନ୍ତା ନଥିବାରୁ, ତାଙ୍କ ପେନ୍‌ସନ୍‌ରେ ଦୁଇ ଜଣିଆ ପରିବାର ଆନନ୍ଦରେ ଚଳିଯାଉଥିଲେ ।

ପୁଅ ଚାକିରୀ କରିବାର ବର୍ଷେ–ଦୁଇ ବର୍ଷପରେ ତାର ହାତକୁ ଦୁଇହାତ କରିବା ହାଇଁ ବାପା ଭଲ ଝିଅଟିଏ ଖୋଜିଲେ । ଗରୀବ ପଛେ ହେଉ, ଶିକ୍ଷିତା ସୁନ୍ଦରୀ ଓ ଗୁଣବତୀ ହୋଇଥାଉ । ବନ୍ଧୁ ସଂସ୍କାର ଯୁକ୍ତ ହୋଇଥାନ୍ତୁ । କିନ୍ତୁ ଅଚାନକ ପୁଅ ନିଜ ଆଡୁ ପାତ୍ରୀଟିଏ ମନୋନୀତ କରି ବାପାଙ୍କୁ ଜଣାଇଲା, ପୁଅର ଇଚ୍ଛାକୁ ବାପା–ମା ଆନନ୍ଦରେ ଗ୍ରହଣ

କରିନେଲେ । ପୁଅ ଯେଉଁଥିରେ ଖୁସି, ତାଙ୍କର ଆପତ୍ତି ରହିବ କାହିଁକି? ଝିଅଟି ଉଚ୍ଚ ସଂସ୍କୃତି ପରିବାରର, ଦେଶ ବିଦେଶ ବୁଲିଛି ଓ ଉଚ୍ଚ ଶିକ୍ଷିତା ମଧ୍ୟ । ଯଥା ସମୟରେ ବାହାଘର ହେଲା ଏବଂ ସପ୍ତମଙ୍ଗଳା ଦିନ ପୁଅ ବୋହୁଙ୍କୁ ବାପା-ମା ପୁଅର ଚାକିରି କ୍ଷେତ୍ରକୁ ବିଦାୟ ଦେଲେ । ବିଦାୟ ବେଳେ ବାପା ଅଶ୍ରୁଳ ନୟନରେ ବୋହୂମାକୁ କହିଥିଲେ-

"ମା, ଆମେ ଗରିବ ମଫସଲି ଲୋକ ହୋଇପାରୁଁ, କିନ୍ତୁ ଅର୍ଥ ଲୋଭୀ ନୁହେଁ । ଆମେ ବୁଢା-ବୁଢୀ ଦୁଇଜଣଙ୍କୁ ନିଜର ପୁଅ-ଝିଅ ଭାବି ସ୍ନେହ କରିବ, ଆଦର କରିବ, ମୋର ଏତିକି ଅଳି ।"

କିନ୍ତୁ ବିଧିର କି ବିଡମ୍ବନା, ସମୟ-ଚକ ଘୁରିବା ସଙ୍ଗେ ସଙ୍ଗେ ସବୁ ଓଲଟ-ପାଲଟ ହୋଇଗଲା । ଦରମା ପାଇଲା ମାତ୍ରେ ବାହାଘର ପୂର୍ବରୁ ଯେଉଁ ଟଙ୍କା ବାପା-ମାଙ୍କ ସୁସ୍ଥ ଜୀବନ-ଯାପନ ପାଇଁ ପଠାଉଥିଲା ତା ତ ବନ୍ଦ ହୋଇଗଲା, ଅଧିକନ୍ତୁ ଚିଠି ଲେଖି ପିତା-ମାତାଙ୍କର ଭଲମନ୍ଦ ବୁଝିବାର ବ୍ୟବଧାନ ବଢିଗଲା । ଜଗନ୍ନାଥ ବାବୁ ମଝିରେ ମଝିରେ ଖବର ପାଆନ୍ତି-ପୁଅ ଆଜି ମୁମ୍ବାଇରେ ଅଛି, କାଲି ମାଙ୍ଗାଲୋର, ଦିଲ୍ଲୀ, କୋଲକତାରେ ଅଛି । ଘରକୁ ଆସିବାର ନା-ଗନ୍ଧ ନାହିଁ । ଏହିପରି ଦୀର୍ଘ ତିନି-ଚାରି ବର୍ଷ କଟିଗଲା ପରେ ବାପା ଖବର ପାଇଲେ ପୁଅ ଭୁବନେଶ୍ୱରବଦଳି ହୋଇ ଆସିଛି । ହଠାତ୍ ଦିନେ ସକାଳେ A/C Car ରେ ବାପା-ମା ତଥା ସମସ୍ତ ଗ୍ରାମବାସୀଙ୍କୁ ଚକିତ କରାଇ ପୁଅ-ବୋହୂ ଘରେ ପହଞ୍ଚିଲେ, ଗାଁ ମାଇପେ ଠାରୁ ଆରମ୍ଭକରି ଛୁଆ-ପିଲାଙ୍କର ସୁଅ ଛୁଟିଲା ଜଗନ୍ନାଥ ବାବୁଙ୍କ ଘରକୁ । ଗାଁ ଛୁଆ-ବୁବୁ ସାଇବ ପରି ଦିଶୁଛି, ବୋହୂ ହାତେ ଓଢଣା ଟାଣିଛି ।

ସାଇର ଲୋକେ ହତାଶ ହେଲେ । ଗାଁ ଛୁଆ ବୁବୁ ନାମକ ବ୍ୟକ୍ତିଟି ଏକ, କିନ୍ତୁ ଚରିତ୍ର ଭିନ୍ନ । ଗମ୍ଭୀର ହାବ-ଭାବ, ଲୋକଙ୍କୁ ନଚିହ୍ନିଲା ଭଳି

ବ୍ୟବହାର, ଏଣେ ବାପା-ମାଙ୍କର ପୁଅ-ବୋହୂ ଦୀର୍ଘଦିନ ପରେ ଘରକୁ ଆସିଛନ୍ତି ବୋଲି ଆନନ୍ଦରେ ଗୋଡ ତଳେ ଲାଗୁନାହିଁ । ଗରମ ଦିନ, ବୋହୂଙ୍କ ଦେହରୁ ଝାଳ ପାଣିଭଳି ନିଗିଡି ପଡୁଛି । ଗରମ ଅସହ୍ୟ, ଏଣୁ ସଂଧ୍ୟାକୁ ଫେରିଯିବେ । ଜଗନ୍ନାଥ ବାବୁ ଏବଂ ତାଙ୍କ ସ୍ତ୍ରୀ ଭାବିଥିଲେ ଏତେଦିନ ପରେ ପୁଅ-ବୋହୂ ଆସିଛନ୍ତି, ଦୁଇତିନି ଦିନ ରହିବେ । ମନ ଫିକା ପଡିଗଲା । ପୁଅ ଚାହୁଁଛି ଫେରିଯିବ, ଯାଉ । ଯିବାବେଳେ ବୋହୂ ଶାଶୁ ହାତରେ ହଜାରେ ଟଙ୍କା ଗୁଞ୍ଜିଦେଇଗଲେ ଏବଂ କହିଗଲେ, ମା ଖର୍ଚ୍ଚ କରିବ ରଖିଥାଅ । ଆଉ ଭୂବନେଶ୍ୱରର ରହିବା ଘରର ଫୋନ୍ ନମ୍ବର ଏବଂ ଠିକଣା ମଧ୍ୟ ଦେଇଗଲେ ଓ କହିଗଲେ, "ବାପା, ବୋଉଙ୍କୁ ନେଇ ଆମ ବସାକୁ ଆସିବେ ।"

କିଛି ଦିନପରେ ରଥଯାତ୍ରା ଆସିଲା, ଜଗନ୍ନାଥବାବୁ ଏବଂ ତାଙ୍କ ସ୍ତ୍ରୀ ପୁରୀ ଯାଇଛନ୍ତି ସତ୍ୟ, କିନ୍ତୁ ରଥଯାତ୍ରା ଦେଖିନଥିଲେ । ବାପା ଫୋନ୍‌କରି ପୁଅକୁ ଅନୁରୋଧ କଲେ, ତୋ ମା'ରଆଶା ସେ ରଥଯାତ୍ରା ଦେଖିବାପାଇଁ ପୁରୀ ଯାଆନ୍ତା, ତୋର ଗାଡି ଅଛି, ତୁ ଆମକୁ ନେଇ ରଥଯାତ୍ରା ଦେଖେଇ ସାରି ଭୂବନେଶ୍ୱରରୁ ଗାଡି ଚଢେଇ ଦିଅନ୍ତୁ ନାହିଁ? କିନ୍ତୁ ପୁଅର ଉତ୍ତର ମିଳିଲା ନାହିଁ କି ରଥଯାତ୍ରା ଦେଖିବା ହେଲା ନାହିଁ ।

ଏହାପରେ ଆଉ ଏକ ଘଟଣା ଘଟିଲା ଯେଉଁଥିରେ ଜଗନ୍ନାଥ ବାବୁଙ୍କ ମନ ପୁରା ପୁରି ଦୁଃଖରେ ଭାଙ୍ଗିପଡିଲା । ଜୁଲାଇ କି ଅଗଷ୍ଟ ମାସ । ତାଙ୍କର ପେନ୍‌ସନ୍‌ର କିଛି ଅସୁବିଧା ଯୋଗୁଁ ସେ ଭୂବନେଶ୍ୱର ଯାଇଥିଲେ । ପୁଅର ବସା ଠାବକରି ପହଞ୍ଚିଲେ । ଚାକର ଛୁଆ କବାଟ ଖୋଲିଦେଲା, ବାପାଯାଇ ସୋଫା ଉପରେ ବସି ପଡିଲେ, ଜାଣିବାକୁ ପାଇଲେ, ବୋହୂ ଘରେ ନାହାଁନ୍ତି, ଦିଲ୍ଲୀ ଯାଇଛନ୍ତି ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାକୁ । ପୁଅ ଆଉଜଣେ ସାଙ୍ଗ ତା ଶୋଇବା ଘରେ ଅଛନ୍ତି ।

କିଛି ସମୟପରେ ପୁଅ ଏବଂ ତାର ସାଙ୍ଗ ଘରୁ ବାହାରି ଆସିଲେ ଏବଂ ବାପାଙ୍କୁ ଦେଖି ନଦେଖିଲା ଭଳି ଆଚରଣ କରି ବାହାରକୁ ଚାଲିଗଲେ ।

ଦୀର୍ଘଦିନ ପରେ ପୁଅ ବସାକୁ ବୁଢା ବାପା ଆସିଛନ୍ତି, ପୁଅ ଖୁସି ହେଲାନାହିଁ, ବାପାଙ୍କ ପାଖରେ ବସି ପଡି ଆଦରରେ ବାପାଙ୍କୁ କୁଣ୍ଢେଇପକେଇଲା ନାହିଁ, ଚାଲିଗଲା! ଜଗନ୍ନାଥ ବାବୁ କାନ୍ଦି ପକାଇଲେ, ତାଙ୍କର ମାନସ ଚକ୍ଷୁରେ ଫକୀର ମୋହନଙ୍କ ଡାକ-ମୁନସୀ କାହାଣୀର ଦୃଶ୍ୟ ଭାସି ଉଠିଲା, ସେ ଚୁପ୍-ଚାପ୍ ପୁଅ ବସାରୁ ଉଠି ଆସିଲେ । ସେ ଦିନୁ ପୁଅ ବସାକୁ ଯିବାତ ଦୂରର କଥା, ତା ପାଖକୁ ଚିଠି ଖଣ୍ଡିଏ ଅଦ୍ୟାବଧ ଦେଇନାହାନ୍ତି । ଭୁବନେଶ୍ୱରରୁ ଫେରିବାପରେ ସ୍ତ୍ରୀଙ୍କ ପାଖରେ ଘଟଣାର ବର୍ଣ୍ଣନା ନକ୍ରି ନୀରବ ରହିଥିଲେ ମଧ୍ୟ ସ୍ତ୍ରୀ ସବୁ ଅନୁମାନ କରିପାରିଛନ୍ତି ।

ଗୋଟିଏ ବୋଲି ପୁଅ, ଉଚ୍ଚ ଶିକ୍ଷିତ, ଉଚ୍ଚପଦବୀଧାରୀ ଏବଂ ବିବାହିତ, ସୁଖରେ ରୁହନ୍ତୁ । ବାପା-ମା କାନ୍ଦିଲେ କାଳେ ସେମାନଙ୍କ ଅନିଷ୍ଟ ହେବ, ତେଣୁ ଧରି ନେଇଛନ୍ତି ସେମାନେ ନିଃସନ୍ତାନ, କେବଳ କୂଳ ଦେବତା, ରଘୁନାଥ ଜୀଉ ହିଁ ଭରସା, ଏକବିଂଶ ଶତାବ୍ଦୀରେ ଭାରତର ପ୍ରାଚୀନ ସଂସ୍କୃତି "ପିତାଧର୍ମ ପିତଃସ୍ୱର୍ଗ, ପିତାହିଁ ପରମ ତପଃ" ର ଅର୍ଥ ମୂଲ୍ୟହୀନ । ତଥାପି ଥରେ ଥରେ ମନ ମଧ୍ୟରେ ଚାପିହୋଇ ରହିଥିବା ପୁଅପ୍ରତି ପୁଞ୍ଜିଭୂତ ଅଭିମାନ ବନ୍ଧ-ବାଡ ଡେଇଁ ନୀରବ ଅଶ୍ରୁ ରୂପରେ ନିରୋଳା ମୁହୂର୍ତ୍ତରେ ଆତ୍ମ-ପ୍ରକାଶକରେ । ଆଜିର ଦ୍ୱିପ୍ରହରର ଏଇ ମୁହୂର୍ତ୍ତଟି ସେଇ ମାନସିକ ଯନ୍ତ୍ରଣାର ପରିପ୍ରକାଶ ।

ସଂବିତ୍ ଫେରି ପାଇଲାପରେ ଜଗନ୍ନାଥବାବୁ ଆଖିରୁ ଲୁହ ପୋଛି ପକାଇଲେ ଏବଂ ମନକୁ ଆୟତ୍ତ କରିବାପାଇଁ ସ୍ତ୍ରୀ ବିଶ୍ରାମ ନେଉଥିବା କୋଠରୀ ପାଖକୁ ଯାଇ ତାଙ୍କୁ ଉଠିବା ପାଇଁ କହିଲେ ।

# ଆକାଶର ସୀମା



-ବିଶ୍ୱରଞ୍ଜନ ନାୟକ

-ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ପ୍ରଭାନିବାସ, ଗୋପାଳପୁର, ବାଲେଶ୍ୱର

ଆଲୋକଭାଇ, ତୁମେ ଝିଅକୁନେଇ ଘରକୁ ଯାଅ । ଶୀତଦିନ ରାତି ୧୦ ଟା ହେଲାଣି ।ଥଣ୍ଡାରେ ନ ହେଲେ ଦେହ ଖରାପ ହେଇଯିବ । ହେଉ ସାର୍, ହେଲେ ଆପଣ ଶୀଘ୍ର ଫେରି ଆସିବେ କହି ଆଲୋକଭାଇ ଗାଡିରେ ଚାଲିଗଲେ । ପୁରୀ ସମୁଦ୍ରକୂଳ । ସୁଲୁସୁଲିଆ ପବନ । ଜହ୍ନର ସୁନେଲି କିରଣ ସମୁଦ୍ର ଢେଉ ଉପରେ ପଡି ହୀରା ପରି ଚିକ୍‌ମିକ୍ କରୁଛି । ସେଇ ପବନର ସୁଅ ଭିତରେ ମୁଁ ଭାସିଯାଉଛି ଅତୀତକୁ, ଦୀର୍ଘ ୧୭ ବର୍ଷ ତଳକୁ ।

ସୀମା, ଏ ସୀମା..... କଣହେଲା ଆକଶ ? ଆରେ ଆଜି କଲେଜ୍ ଯିବନିକି ? ନାଇଁ, ମୋର ଦେହ ଭଲ ନାହିଁ । କ'ଣ ହେଇଛି ? ଏମିତି ଥଣ୍ଡା ଜ୍ୱର କେତେ ଦିନ ହେଲା ହେଲାଣି ? ଛାଡୁନାହିଁ । ଚାଲ, ମୁଁ ତୁମକୁ ଡାକ୍ତରଙ୍କ ପାଖକୁ ନେଇଯିବି, ଖି ସୀମାକୁ ମୋ ସାଇକେଲ୍‌ରେ ବସେଇ ନେଇଗଲି । ବାଟରେ ମୁଁ କହି ଚାଲିଥାଏ "ଦେଖ, ଖାଇବା ପିଇବା ଠିକ୍ ଠାକ୍ ରେ କର । ଦେହର ଯତ୍ନ ନିଅ । ନ ହେଲେ ପାଠ ପଢି ଚାକିରୀ କରିବ କେମିତି ?" ହସି ଦେଲା ସୀମା । କହିଲା "ଆକାଶ, ମୋର ଚାକିରୀ କରିବା କଥା ତ ଜଣା ନାହିଁ । ହେଲେ ତୁମ ପାଠ ପଢାରେ

ଜେପରି ଅବହେଳା ନ'ହୁଏ ।"ମୁଁ ହସିଦେଲି । କହିଲି "ସୀମା, ତୁମେ ସାଥିରେ ଥିଲେ ମୁଁ ସବୁ ଝଡଝଞ୍ଜାକୁ ଅତିକ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବି ।"

ଏହାର ଠିକ ସାତଦିନ ପରେ ଆମେ ଦୁହେଁ ସାଇକେଲ୍‌ରେ କଲେଜରୁ ଫେରୁଥିଲୁ । ଗାଁ ବନମାଳୀପୁର । ପୁରୀ ସହରରୁ ୧୫୦ କିଲୋମିଟର୍ । ପକ୍କା ରାସ୍ତା ନାହିଁ । ବର୍ଷାଦିନେ ସାଇକେଲ୍ ଗଡାଇ ଗଡାଇ ଯିବାକୁ ପଡେ । ସେଦିନ ସେମିତି ସାଇକେଲ୍ ଗଡାଇ ଗଡାଇ ଫେରିବା ବେଳେ, ସୀମା କହୁଥିଲା....ଆକାଶ ଦେଖ । ଏ ଖୋଲା ଆକାଶରେ ଉଡିଯାଉଥିବା ମୁକ୍ତ ଚଢେଇ ମାନଙ୍କୁ । ମୋର ବହୁତ ଇଚ୍ଛା ତୁମ ସହିତ ଏ ଚଢେଇମାନଙ୍କ ଭଳି ମୁକ୍ତ ଜୀବନ ବିତାଇବା ପାଇଁ । ଏକ ସୁନ୍ଦର ସରଳ ଜୀବନ, ଯେଉଁଠି ଆମ ଭିତରେ ନଥିବ ଘୃଣା, ଈର୍ଷା, ସନ୍ଦେହ କି ଅବିଶ୍ୱାସ ।କଣ ଆମେ ଏମିତି ଏକ ଜୀବନ ବିତାଇପାରିବା ?...ମୁଁ କହିଲି "ହଁ, ନିଶ୍ଚୟ, ଯଦି ଭଗବାନ ଆମ ଦୁଇଜଣଙ୍କ ଭାଗ୍ୟକୁ ଯୋଡିଥିବେ ।"

ଜାଣିବାକୁ ପାଇଲି ସୀମା ଭୀଷଣ ମାନସିକ ରୋଗରେ ପୀଡିତ । ଥରେ ତା ସ୍ୱାମୀ, ସେ ଓ ତା ଝିଅ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହେଲାପରେ, ତା ସ୍ୱାମୀ ଆରପାରିକୁ ଚାଲିଗଲେ । ସୀମା ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସେ ସ୍ମରଣଶକ୍ତି ହରାଇ ଡାକ୍ତରଖାନାରେ ପଡିରହିଥାଏ । ଆଉ କେହି ପରିଚିତ ଲୋକ ତା ଝିଅକୁ ଅନାଥ ଆଶ୍ରମ ଛାଡିଦେଇଥିଲେ । ଏ କଥା ଶୁଣିବାପରେ ମୁଁ ଡାକ୍ତରଖାନାରେ ସୀମାକୁ ଭେଟିଲି । ସୀମା ନିସ୍ତେଜ ହୋଇ ପଡିଥାଏ । ମୋତେ ଦେଖି ପଚାରିଲା "ଆପଣ କିଏ ?" ମୁଁ କିଛି କହିପାରିଲି ନାହିଁ । କିଛି ଆଶ୍ୱାସନା ବି ଦେଲା ନ ଦେଲାଭଳି । କିଛି ସମୟ କାଟି ଫେରିଆସିବା ସମୟରେ ସୀମା କହୁଥିଲା "ତୁମେ ବହୁତ ଭଲ ଲୋକ ଜଣା ପଡୁଛ । ମୋତେ ସେ ଡାକ୍ତରଙ୍କ ଭଳି ଔଷଧ

ଖାଇବାକୁ କହୁନାହଁ । ଆଉ କେବେ ପୁଣି ଆସିବ?" ସେଠୁ ଚୁପ୍ ଚାପ୍ ଚାଲିଆସିଲି ସେଇ ଅନାଥ ଆଶ୍ରମକୁ ଯେଉଁଠି ସୀମାର ଝିଅ ଥିଲା । ତାକୁ ଅନାଥ ଆଶ୍ରମରୁ ଫେରାଇ ଆଣି ମୋ ପାଖରେ ରଖିଲି ।

ଏତିକି ଭାବୁ ଭାବୁ ଆଲୋକଭାଇ ପଛରୁ କହିଲେ, "ସାର୍ ଏତେ ରାତି ହେଲାଣି । ଆପଣ ନ ଫେରିବାରୁ ଚାଲିଆସିଲି । ଏଠି କଣ ଏତେ ସମୟ ଏକୁଟିଆ ଭାବୁଛନ୍ତି? ଆସନ୍ତୁ ଯିବା ।"ହଁ ଆଲୋକଭାଇ, ଚାଲ । ମୋତେ କାଲି ଆମେରିକା ଫେରିଯିବାକୁ ପଡିବ । ସୀମା ସହ ପୁଣି କେବେ ଦେଖା ହେବ ଠିକ ନାହିଁ । ଏ ବିଶାଳ ଆକାଶର ସୀମାକୁ ଯେପରି କେହି ଖୋଜିପାରିନାହାନ୍ତି, ସେମିତି ମୋ ଜୀବନର ସୀମାକୁ ବି ଆଉ ଖୋଜିପାରିବି ନାହିଁ ସେଠି.... ।

ମୋ: ୯୭୫୭୧୫୯୧୦୭

## ବାର୍ଷିକ ଉତ୍ସବ ୨୦୧୫ : ଯୁବ କଳାକାରଙ୍କ ଓଡିଶି ନୃତ୍ୟ








*With Best Compliments From*

SUSHAMA MISHRA
18 -Kalyani , Anushakti Nagar,
Mumbai : 400094
Tel : 022-25552290

## ବାର୍ଷିକ ଉତ୍ସବ ୨୦୧୫ : ନୃତ୍ୟ ଛନ୍ଦରେ କୁନି କଳାକାର






*With Best Compliments From*

R RMohanty
C-8 Sarang, Anushakti Nagar,
Mumbai : 400094
Tel : 022-25527028

# ଶ୍ରୀମନ୍ଦିରର ମୁକ୍ତି ପ୍ରଦାନକାରୀ ମଣ୍ଡପ ବା ମୁକ୍ତିମଣ୍ଡପ



-ପ୍ରଶାନ୍ତି ମିଶ୍ର

ଐଶ୍ୱର୍ଯ୍ୟସ୍ୟ ସମଗ୍ରସ୍ୟ ଧର୍ମସ୍ୟ ଯଶ ସରିଶ୍ରୟଃ
ଜ୍ଞାନ ବୈରାଗ୍ୟୟୋଶ୍ଚୈବ ଷର୍ଣ୍ଣାଂ ଭଗ ଇତିରଣା

ଶ୍ରୀବିଷ୍ଣୁ ପୁରାଣ – ୬/୫/୭୪

ଭଗବାନଙ୍କ ଠାରେ ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଶ୍ରୀ,ଜ୍ଞାନ, ବୈରାଗ୍ୟ ହୋଇ ଛଅଗୋଟି ବିଷୟବସ୍ତୁ ରହିଛି ।ଏହି ଛଅଟି ଶକ୍ତିସ୍ଥିତ ଭଗବାନ ବା ଶ୍ରୀଜଗନ୍ନାଥ ଅଦ୍ୱିତୀୟ । ଗୀତା, ଭାଗବତ, ସ୍କନ୍ଦପୁରାଣ ଓ ପଦ୍ମପୁରାଣ ଇତ୍ୟାଦି ଅନୁଶୀଳନରୁ ଜଣାଯାଏ ଯେ ଶ୍ରୀଜଗନ୍ନାଥ ସାକ୍ଷ୍ୟାତ ଶ୍ରୀକୃଷ୍ଣ ।

ବିଶ୍ୱବିଦିତ ଅଦ୍ୱିତୀୟ ପୁଣ୍ୟଧାମ ଉତ୍କଳ ହେଉଛି ଯଥାର୍ଥରେ ଦେବଭୂମି । ଏହି ପବିତ୍ର ଭୂମିର ଦେବତା ଶ୍ରୀଜଗନ୍ନାଥ ହେଉଛନ୍ତି ଓଡିଆ ଜାତିର ଆନନ୍ଦ, ନିରାନନ୍ଦ, ହସ ଓ କାନ୍ଦ । ତାଙ୍କ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର । ପୁରାଣ ପୃଷ୍ଠାରୁ ଦେଖିବାକୁ ମିଳେ ଯେ ସ୍ୱୟଂ "ବ୍ରହ୍ମ" ଏଠାରେ ଦାରୁ ମୂର୍ତ୍ତି ରୂପେ ପୂଜା ପାଉଛନ୍ତି । ଏହି କ୍ଷେତ୍ର ହେଉଛି ସାରୂପ୍ୟ ମୁକ୍ତି ପ୍ରଦାନକାରୀ କ୍ଷେତ୍ର ।

ଏହି ଶ୍ରୀମନ୍ଦିରସ୍ଥିତ ମୁକ୍ତିମଣ୍ଡପର ମହାତ୍ମ୍ୟ ଅତ୍ୟନ୍ତ ମହାନ । ଏହା ମୁକ୍ତିର ପଥପ୍ରଦର୍ଶକ ହେତୁ ଏହାର ନାମ 'ମୁକ୍ତିମଣ୍ଡପ'ଅଟେ । ଏହି

ମଣ୍ଡପ ଶ୍ରୀମନ୍ଦିରର କୂର୍ମବେଢାର ଦକ୍ଷିଣ ପଟେ ବଟସାଗର ରୋହିଣୀ କୁଣ୍ଡର ମଧ୍ୟବର୍ତ୍ତୀ ପୂଣ୍ୟତମ ସ୍ଥାନରେ ଅବସ୍ଥିତ ।

ଶାସ୍ତ୍ର କହେ ଏହି ମଣ୍ଡପର ପ୍ରାଚୀନ ନାମ ବ୍ରହ୍ମାସନ । କୀମ୍ବଦନ୍ତୀ କହେ-ମହାପ୍ରଭୁ ବଳଭଦ୍ର, ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା ପ୍ରତିଷ୍ଠା ହେବା ଅବସରରେ ସ୍ୱୟଂ ବ୍ରହ୍ମା ଯେଉଁ ସ୍ଥାନରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ, ତାହା ବ୍ରହ୍ମବେଦୀ ବା 'ମୋକ୍ଷମଣ୍ଡପ' ନାମରେ ନାମିତ ହୋଇଥିଲା । ଏହା ବ୍ୟତୀତ ସ୍ୱୟଂମ୍ଭୂ ବା ମନୁଙ୍କ ଦ୍ୱିତୀୟ ପରାର୍ଦ୍ଧରେ ଶ୍ୱେତବରାହ କଳ୍ପରେ ଏହି ପୁଣ୍ୟଧାମ ପୁରୁଷୋତ୍ତମ ପ୍ରକଟ ହେବା ସମୟରେ ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଇନ୍ଦ୍ରଦ୍ୟୁମ୍ନ ଏଠାରେ ମନ୍ଦିର ନିର୍ମାଣ କରି ତାହାର ପ୍ରତିଷ୍ଠା ନିମନ୍ତେ ବ୍ରହ୍ମାଙ୍କୁ ଆମନ୍ତ୍ରଣ କରି ଆଣିଥିଲେ । ବ୍ରହ୍ମା ଉକ୍ତ ମନ୍ଦିରକୁ ପ୍ରତିଷ୍ଠା କରିବା କାଳରେ ଯଜ୍ଞର ବିଧାନ ସ୍ୱରୂପ "ଦକ୍ଷିଣତୋବ୍ରହ୍ମାସନମ୍" ବିଧିରେ ଏହି ପବିତ୍ର ସ୍ଥାନରେ ଉପବେଶନ କରିବା ସମ୍ଭବ ହୋଇଥିଲା ।

ମୁକ୍ତାନାଂ ବ୍ରାହ୍ମଣାନାଂ ମଣ୍ଡପ ବା 'ମୁକ୍ତିପ୍ରଦୋ ମଣ୍ଡପ' ଭାବରେ ମୁକ୍ତିମଣ୍ଡପ ସଞ୍ଜ୍ଞା ବହନ କରିଅଛି । ମୁକ୍ତ ଦେବତାମାନଙ୍କ ମଧ୍ୟରେ ବ୍ରହ୍ମା ଅବିମୁକ୍ତ ପୁରୁଷ ନାମରେ ପୁରାଣ ପ୍ରସିଦ୍ଧ ଅଟନ୍ତି । ତାଙ୍କର ମଣ୍ଡପ ବା ସମସ୍ତ ଲୋକଙ୍କର ମୁକ୍ତି ପ୍ରଦାନକାରୀ ମଣ୍ଡପ "ମୁକ୍ତିମଣ୍ଡପ" ନାମରେ ନାମିତ ହୋଇଥିବା ଅନୁମେୟ । କାଳକ୍ରମେ ବୈଦିକ ଶାସନୀ ବ୍ରାହ୍ମଣମାନେ ବ୍ରହ୍ମାଙ୍କର ଉତ୍ତରାଧିକାରୀ ଭାବେ ପରିଗଣିତ ହୋଇ ଆସୁଛନ୍ତି । ମାଦଳା ପାଞ୍ଜିକୁ ଆଧାରକରି ସ୍ୱର୍ଗତ ଜଗବନ୍ଧୁ ସିଂହଙ୍କ ପୁସ୍ତକ "ପ୍ରାଚୀନ ଉତ୍କଳ" ଓ ସ୍ୱର୍ଗତ କୃପାସିନ୍ଧୁ ମିଶ୍ରଙ୍କ ପୁସ୍ତକ "ଉତ୍କଳ ଇତିହାସ"ରୁ ଜଣାଯାଏ ଯେ ସମ୍ରାଟ ଆକବରଙ୍କ ମୋଗଲ ସେନାପତି ମାନସିଂହଙ୍କ ପତ୍ନୀ ଗୌରୀରାଣୀ ୧୫୯୨ ଖ୍ରୀ: ରେ ମୁକ୍ତିମଣ୍ଡପ ନିର୍ମାଣ କରାଇଥିଲେ । କିନ୍ତୁ ପ୍ରକୃତରେ ଶାସ୍ତ୍ର ଲିଖିତ ବିଷୟବସ୍ତୁ ରହିଛି ଏହା ବହୁ

ପୂର୍ବରୁ ନିର୍ମିତ । ଏହାର ଅବକ୍ଷୟୟ ପରେ ହୁଏତ ଏହା ଗୌରୀରାଣୀଙ୍କ ଦ୍ୱାରା ପୁନଃନିର୍ମିତ ହୋଇଥାଇପାରେ । ବାସ୍ତବରେ ପବିତ୍ର ମୁକ୍ତିମଣ୍ଡପ ବା ବ୍ରହ୍ମାସନ ସବୁକାଳେ ଥିଲା ବୋଲି ଶାସ୍ତ୍ର ଲିଖିତ ଅଛି । ଏଠାରେ ନିତ୍ୟାଚାର ସମ୍ପନ୍ନ କୁଳୀନ ବ୍ରାହ୍ମଣମାନେ ଉପବେଶନ କରୁଥିଲେ । ବହୁ ପୂର୍ବେ ଏହା କାଠରେ ତିଆରି ହୋଇଥିଲା ବୋଲି କୁହାଯଏ । ଶ୍ରୀମନ୍ଦିର ବେଢା ଜଗମୋହନର ଦକ୍ଷିଣ ଦ୍ୱାର ନିକଟରେ ଆଜି ମଧ୍ୟ ଏହି ପ୍ରଚୀନ ମଣ୍ଡପଟି ଦଣ୍ଡାୟମାନ । ଏହା କଳାମୁଗୁନି ପଥରରେ ତିଆରି ହୋଇଛି । ମନ୍ଦିର ଚଟାଣ ସମତଳରୁ ସାଢେପାଞ୍ଚଫୁଟ ଉଚ୍ଚରେ ମଣ୍ଡପର ପିଣ୍ଡି ରହିଛି ଯାହା ୯ ଫୁଟ ସମାନ ଲମ୍ବ ଓସାର ବିଶିଷ୍ଟ ଏକ ବର୍ଗାକାର କ୍ଷେତ୍ର । ଏଥିରେ ୧୬ ଗୋଟି ବିରାଟ ସ୍ତମ୍ଭ ରହିଛି ଯାହାର ଉଚ୍ଚତା ୮ ଫୁଟ । ଏହି ସ୍ତମ୍ଭଗୁଡିକ ମନ୍ଦିରର ଗଡାଣିଆ ଛାତକୁ ବହନ କରିଛନ୍ତି ଯାହା ମଣ୍ଡପ ଚଟାଣଠାରୁ ପ୍ରାୟ ୧୪ ଫୁଟ ଉଚ୍ଚରେ ଅବସ୍ଥିତ । ମଣ୍ଡପର କାନ୍ଥ ଓ ଛାତରେ ବହୁ ଦେବ ଦେବୀଙ୍କ ପ୍ରତିଚ୍ଛବିମାନ୍ ରହିଛି ।

କୁହାଯାଏ ରାଜା ରାମଚନ୍ଦ୍ର ଦେବଙ୍କ ଦ୍ୱାରା ସ୍ଥାପିତ ଷୋଳ ଶାସନ ଯଥା, ବୀର ନରସିଂହପୁର, ବୀର ହରେକୃଷ୍ଣପୁର, ବୀର ଗୋବିନ୍ଦପୁର, ବୀର ବଳଭଦ୍ରପୁର, ବିଜୟ ରାମଚନ୍ଦ୍ରପୁର, ଚନ୍ଦନପୁର, ବିଶ୍ୱନାଥପୁର, ପ୍ରତାପ ରାମଚନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର, ପ୍ରତାପ ପୁରୁଷୋତ୍ତମପୁର, ଶ୍ରୀପୁରୁଷୋତ୍ତମପୁର , ରାଉତରାପୁର, ଇତ୍ୟାଦିର ପ୍ରତିଭୂ ରୂପେ ଏଥିରେ ଷୋଳଗୋଟି ସ୍ତମ୍ଭ ରହିଛି । ସେହି ମଣ୍ଡପରେ ଷୋଳଶାସନର ବେଦଜ୍ଞ ବ୍ରାହ୍ମଣମଣ୍ଡଳୀ ବେଦାଦିର ନିୟମିତ ଆଲୋଚନା ନିମନ୍ତେ ସମବେତ ହେବା ସହିତ ରାଜ୍ୟର ଯେ କୌଣସି କ୍ଷେତ୍ରରେ ଉପୁଜୁଥିବା ଆଧ୍ୟାତ୍ମିକ ତଥା ସାମାଜିକ ସମସ୍ୟାର ସମାଧାନ କରୁଥିଲେ । ଏହି ପଣ୍ଡିତ ସଭାର ନେତୃତ୍ୱ ନେଉଥିଲେ ସେ ବେଳର ପୁରୀ ଗୋବର୍ଦ୍ଧନ ପୀଠର

ଶଙ୍କରାଚାର୍ଯ୍ୟ ।ଏହି ସଭାର ବୈଶିଷ୍ଟ ଥିଲା ବିଚାର କ୍ଷେତ୍ରରେ ନିରପେକ୍ଷତା । ଜାତି, ଗୋଷ୍ଠୀ ଏବଂ ସଂପ୍ରଦାୟ ମଧ୍ୟରେ ହେଉଥିବା ବାଦବିବାଦର ସମାଧାନ ର ନିଷ୍ପତ୍ତି ଚୁଡ଼ାନ୍ତ । ଗଜପତି ମହାରାଜ ମଧ୍ୟ ଏଥିରେ ହସ୍ତକ୍ଷେପ କରୁନଥିଲେ । ଏହି ମଣ୍ଡପର ମର୍ଯ୍ୟାଦା ଏତେ ଅଧିକ ଥିଲା । ଏଥିରେ ବେଦ, କର୍ମକାଣ୍ଡ, ଜ୍ୟୋତିଷ, ଦର୍ଶନ, ପୁରାଣ, ପରମ୍ପରା, ଲୌକିକତା ଏମିତି ସବୁକିଛିର ଆବଶ୍ୟକତାକୁ ଉପଲବ୍ଧି କରି ପୁରୀର ରାଜାମାନେ ମନ୍ଦିରର ସେବା ପୂଜା ଖଞ୍ଜିବା ସହିତ ଶାସ୍ତ୍ରୀୟ ପରାମର୍ଶ ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭାର ବ୍ୟବସ୍ଥା ରଖାଉଥିଲେ । ସମୟାନୁକ୍ରମେ ସେହି ଷୋଳଶାସନ ଓ ବତିଶ କରବାଡରୁ ପ୍ରତିନିଧି ମାନଙ୍କୁ ନେଇ ଏହି ପଣ୍ଡିତ ସଭା ଗଠିତ ହେଉଥିଲା । ଏଠାରେ ଷୋଳଶାସନ ବ୍ୟତୀତ ରାଜଗୁରୁ, ଦେଉଳ ପୁରୋହିତ, ଦଣ୍ଡୀ ସନ୍ୟାସୀମାନେ ମଧ୍ୟ ବସିବାର ଅଧିକାର ପାଇ ଆସିଛନ୍ତି ।

ବିଭିନ୍ନ ସମୟରେ ମଧ୍ୟ ଦେଖାଯାଇଛି ଯେ ଏହି ମୁକ୍ତିମଣ୍ଡପରେ ବିଚକ୍ଷଣ ପଣ୍ଡିତ, କବି, ଜ୍ୟୋତିଷ, ବାଗ୍ମୀ, ନୀତିଶାସ୍ତ୍ରବିତ୍ ମାନେ ଅଂଶ ଗ୍ରହଣ କରିଆସିଛନ୍ତି । ମୋଟ ଉପରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସନାତନ ସଂସ୍କୃତିର ବିଶ୍ୱାସୀ ବ୍ୟକ୍ତିମାନଙ୍କ ପାଇଁ ପଥପ୍ରଦର୍ଶକ ରୂପେ କାର୍ଯ୍ୟକରି ତା'ର ଉଦ୍ଦେଶ ବଜାୟ ରଖିଛି । ଅତଏବ ଶ୍ରୀମନ୍ଦିର ଓ ହିନ୍ଦୁ ସମାଜ ପାଇଁ ମୁକ୍ତିମଣ୍ଡପ ଏକ ଅପରିହାର୍ଯ୍ୟ ଅଙ୍ଗ-ସଦୃଶ୍ୟ । ଏହାର ମାହାତ୍ମ୍ୟ ଚିରସ୍ମରଣୀୟ । ସନାତନ ଧର୍ମ ଓ ବୈଦିକ ପରମ୍ପରାକୁ ରକ୍ଷା କରିବାରେ ଏହାର ଭୂମିକା ଅତୁଳନୀୟ ।

**-ସି-୮୯, ଏଚ.ଆଇ.ଜି.**
**ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ**
**ଭୁବନେଶ୍ୱର - ୭୫୧୦୦୩**




*The Making of Modern Odisha:*
*Shilanyas of Paradip Port with PM Jawaharlal Nehru*



*A visionary leader of the Century*

# ବିଜୁ ବାବୁଙ୍କ ସ୍ମୃତିରେ...

Memoir

# The Legend



Rosaline Mishra

*Boundless is the anguish and*
*misery of the living*
*who can see it and tolerate ?*
*Let my soul be sent to hell*
*but let the universe be redeemed.*

These are the magical lines of nineteenth century poet, Bhima Bhoi, which was often quoted and religeously followed by the legendary hero, Bijayananda Patnaik, popularly known as Biju Patnaik. Biju Babu was the Baraputra of Mother India. He was a towering and multi-dimensional personality no less than a colossus in every sense of the term. This legendary leader and idol of the masses, had almost a hectic and uninterrupted political career serving his state and the country in different capacities. He went beyond the limits of regional and national boundaries to international height, continuously proving that greatness does not descend to a man automatically, rather it is acquired by hard labour, perseverance and sacrifice. He distinguished himself as an aeronautical engineer, navigator, an ace pilot, industrialist, an eminent freedom fighter and above all a crowning statesman of national and international repute. A rare celebrity indeed !

Biju Patnaik was described by Julian Huxley in his memories as a remarkable Indian whose adventures will surely fill a book, and by Nehru as a man of energy and certain ability.

He was born in a patriotic family, to Shri Lakshminarayan Patnaik and Smt. Ashalata, on 5th March, 1916, village Nuagaon in between Bhanjanager and Belluguntha of Ghumushar area in Ganjam. He was born in a patriotic family. Shri Lakshminarayan Patnaik, was associated with the leaders of Odishan renaissance and was a pioneer of the Dr. Dasarathi Bhuyan formation of the Odisha movement. Smt. Ashalata Devi, was the sister of Deva Prasad and Anand Prasad who along with Surya Sen were responsible for the Chittagong Armoury Raid of 1930. Biju Babu inherited the undaunted spirit of his patriotic father and mother. These traits in his character led him to many spectacular achievements. He received science education at Ravenshaw College, Cuttack; at the Aeronautical Training Institute of India and at Delhi Flying Club. He developed a keen interest for sports in his student days and captained the University Team in football and hockey. He was a lover of adventure. His intense love for sports and inclination for adventurous feats landed him in Delhi, where he was trained to fly high in life. He became a distinguished Pilot and Navigator. He joined Indian National Airways and became its ace pilot. He also served as the head of the Air Transport Command during the second world war after he joined the Royal Indian Air Force.

Inspired by a childhood meeting with Mohandas K. Gandhi during his visit to Orissa in 1927, Mr. Patnaik found novel ways to put his skills to work for the freedom struggle. In 1942, Biju decided to join the Quit India Movement to make India free. He became a leader of underground Congress movement with Jay Prakash Narain and Dr Ram Manohar Lohia. He was

involved in dropping political leaflets to Indian soldiers fighting under British command in Burma and flying clandestine missions that carried Congress Party leaders from hideouts across India to secret meetings that charted the independence struggle. Aruna Asaf Ali recalling Biju's role during this period mentions : "Among the thousands who came forward to take up the challenge, Biju Patnaik, Chief Pilot of the Dalmia-Jain Airways was one of the most fearless (and veritable dare devil) who mobilised the fellow pilots.

Biju Patnaik became one of the trusted friends of Jawaharlal Nehru during his participation in Indian freedom struggle, who viewed the freedom struggle of the Indonesian people as parallel to that of India, and viewed Indonesia as a potential ally. When the Dutch attempted to quell Indonesian independence on 21 July 1947, Sjahrir, the former prime minister of Indonesia, was unable to leave the country to attend the first Inter-Asia Conference, organised by Nehru, in July 1947, as the Dutch controlled the Indonesian sea and air routes. And it was Biju Patnaik who brought Sultan Sjahrir out on a Dakota reaching India via Singapore on 24 July 1947. For this act of bravery, Patnaik was given honorary citizenship in Indonesia and awarded the 'Bhoomi Putra', the highest Indonesian award, rarely granted to a foreigner. In 1996, when Indonesia was celebrating its 50th Independence Day, Biju Patnaik was awarded the highest national award, the 'Bintang Jasa Utama'.

Biju Patnaik also played a significant role in the historic Jammu and Kashmir Operation in 1947. India got dominion status in August 1947 and as a result the erstwhile princely states became independent. They decided to either merge with India or Pakistan. The king of Kashmir wanted to maintain a free Kashmir. As such the trouble began, when Kashmir was

attacked from Pakistan side on 22 October. The king signed the Instrument of Accession with India agreement on 26 October. Pakistan by that time had occupied a large chunk of Kashmir territory and was approaching to capture Srinagar. It was urgent to mobilise the troops to the front to check the enemy within the shortest possible time. It was not possible to send the troops through land route
because of paucity of time and communication difficulties. The only course open was to drop the troops by air. Biju Patnaik piloted the first plane that left Palam Airport at Delhi on 27 October 1947 at dawn and landed at Srinagar Airport in the early morning. He brought 17 soldiers of 1-Sikh regiment commanded by Lt.Col. Dewan Ranjit Rai.

Patnaik's political ideals were centred in socialism and federalism. His strong advocacy for equal resources to all Indian states who needed such, made him a champion of his Oriya constituents. In two spells he has become the Chief Minister of Orissa, the first being in 1961. He became Union Cabinet Minister for Steel and Mines from 1977 to 1979 and Union Minister for Steel, Mines and Coal from July 1979 to January 1980. He was the member of the Lok Sabha from 1980-85. He became leader of the opposition in the Orissa Legislative Assembly from 1985 to 1989 and was sworn in as Chief Minister of Orissa for the second time on 5 March, 1990. He said,"In my dream of the 21st century for the State, I would have young men and women who put the interest of the State before them. They will have pride in themselves, confidence in themselves. They will not be at anybody’s mercy, except their own selves. By their brains, intelligence and capacity, they will recapture the history of Kalinga."

Biju Babu was a doer, a public representative in true sense. Be it freedom movement or politics or removing poverty and

creating jobs. He was the leader who led by examples. The name of Kalinga was so dear to his heart that he set up Kalinga tubes, Kalinga Airways, Kalinga Iron work, Kalinga Refractories and the Kalinga, a daily Odia Newspaper. He was greatly influenced by Kharavela, the emperor of Kalinga who brought glory for the kingdom. He was quite conscious of holding the banner of Kalinga high. In 1951 he established the international Kalinga Prize for popularisation of Science and Technology among the people and entrusted the responsibility to the UNESCO. The projects which he was known to have spearheaded include the Hirakud Dam, Port of Paradip, Odisha aviation centre, Bhubaneswar Airport, the Cuttack-Jagatpur Mahanadi highway bridge, Regional Engineering College, Rourkela, Rourkela Steel plant and the Choudwar and Barbil industrial belts. He also established the Kalinga Cup in foot ball.

During the second term of Chief Ministership from March 5, 1990 to March 15, 1995 Panchayati Raj movement gained momentum under his dynamic leadership. He took a revolutionary step to reserve 33 per cent of seats for women in the three-tier of the Panchayati Raj system. As a mark of his profound love for Panchayati Raj institution the people of Odisha observe his Birth Day (March 5) as Panchayati Raj Divas.

His looked up to Napoleon and thus he followed in his footprints. Biju Patnaik was proficient in inspiring and gaining the confidence of his people. He communicated effectively with the public and had the ability to convey his ideas to them. According to Biju, there are four important things and these are unity of nation, secularism, democracy and imperialism. He uttered these lines for the public of Orissa, "In my dream of the 21st century for the State, I would have young men and women

who put the interest of the State before them. They will have pride in themselves, confidence in themselves. They will not be at anybody`s mercy, except their own selves. By their brains, intelligence and capacity, they will recapture the history of Kalinga."

Man is mortal, but his deeds make him immortal. He attains immortality by dint of his brave and heroic actions. Biju Patnaik was such an immortal man. Respected as a messiah and admired as an epitome of courage, Biju Patnaik stood like a colossus. He was respected by the masses for his charisma. He was a man who created history, changed history and shaped history. And the history he shaped was the history of modern Orissa. His mission was the emancipation of Orissa from poverty and negligence. His life is an extraordinary saga of adventure and sacrifice, valour and dedication. The son of the soil breathed his last on 17 th April 1997 at the age of eighty-one.

As Chief Minister Navin Patnaik has rightly said "Biju Babu is an idea in continuity -- an idea of realising the dream in progress and prosperity, an idea of Odia self-esteem, selfless service and empowerment. He is an idea that every Odia wants to follow".

His message for Odishavashis: **To be born poor is not a crime but to remain so is indeed a crime'. 'Be loyal not to me but to the destiny of the State'. 'Odisha is a rich state where poor people live'. 'Be a pride to your State and not a shame'**.

As we celebrate the birth centenary of the legendary leader, let us relive his dream to create a developed and resurgent Odisha, by working towards it with courage, conviction and dedication.

Member Anushakti Odiya Association

# CHILDREN OF IMMORTALITY [AMRITARA SANTAN]



**Shri. Biswanath Mishra**

The origin of the universe, to me is an invincible mystery, but I have least to bother, for it pre-existed me and meant more than any thing and every thing to me. As I grew in age, knowledge and experience, I was startled to learn that our dear mother earth had in store every thing in plenty that we can dream of, desire and achieve, that too for all beings who visited this planet. Human dreams, as diversified they may be, could not have imagined any thing that is not available on this earth. We should not let lose an occasion to express our express gratitude to that unseen, unknown but very clearly realized universal benefactor who has provided to all of us a never drying and ever lasting trustworthy resource. Who could this benefactor be? What could be his motive? What are his expectations? Does he have any claims? Many have dedicated their lives searching answers to these questions. Few may have succeeded in discovering and the discovery must have been quite exciting, transcending

and satiating. But a far larger volume of living beings, capable of thought and analysis, the human beings, could not afford serious contemplation for obvious reasons. The moment just ahead of them was very crucial and demanded utmost attention, complete submission of physical, financial and intellectual resources and kept them completely absorbed and immersed so much so that they could not digress their attention to spiritual inquiry. Still there is no harm done to any. I don't want to drag myself into the controversy whether spiritual inquiry is superior or inferior to worldly existentialism. I am one to acclaim proudly that men are born unequal in their physical, mental, intellectual and spiritual faculties. Every one is relatively free to give appropriate direction and momentum to his chosen course of life so that his hidden potentials find healthy soil for exuberant manifestation. It justifies therefore, that different individuals may find themselves more evenly and squarely suited in different activities, but the divergence of choice is partly accountable to latent potentials and largely accountable to human notoriety, a rare distinction. He is too ambitious to be what he is essentially not and he is exceptionally careless to attempt to perfect himself in his real situation. Human chemistry is strange, volatile and quite baffling, and his self esteem is highly fallacious. His dare devil, ignorant and often foolish meddling has been squarely responsible for his miseries. He is excessively impatient, very feebly resourceful, highly ambitious, more often than not selfish in nature, highly intriguing and in his maddened pursuit for success finds himself deeply sunk in maliciousness and caprice.

Born of God, born by His will, constantly guarded and guided by His presence within ourselves, gifted with His virtues, how can man's spirit sink to bestial and devilish

proportion? At the outset it may appear highly improbable, but the truth remains that his divinity is a strange modulation on the basic constituents of his mortal chemistry. The natural conflict between the two juxtaposed elements and the over-riding tendencies of the mortal chemistry consequentially produces a resultant vector which far deviates the divine purpose. Such is not the universal truth but the general truth. The attitude is rebellious and the outcome is unfortunate and dangerous. Man's disregard to divinity, his creator and benefactor is symbolic of faithlessness and ingratitude, the two most malicious and devilish acquired attributes responsible for his moral degeneration.

In his narrowness of vision, lack of foresight, wanting intelligence and faulty esteem of his own, he hastily concludes himself superior to many and cleverer and craftier than all. A single misadventure generates many in its tail and blinded by ego and furry he is tempted to commit graver and still graver crimes to feed fat his unbridled ambitiousness. He fails to analyse as to why he still remains thirsty and insatiate even after having overcome many barriers, having attained many goals, having elevated many stairs up. He has less or no opportunity to contemplate for his ambitions add spur to his violent thought and he is always short of time. He prefers to ignore the idea than to waste time unnecessarily. Sadly enough, his preferences can not rewrite the rules for the planet. To be acrimonious and hostile to our neighbour, to our congeners and to other creatures who share the earth with us, is indicative of our ignorance, sick culture and wanting civilization. It is of utmost necessity that man should have perfect esteem of his own, should acknowledge his limitations and should also humbly submit to the infiniteness of the universe of which he constitutes but a very negligible mortal fraction. He belongs to the world, but the world does

not belong to him. He is in transit, but the world is permanent. He shall part some day leaving the world behind and the world will continue to exist to accommodate and entertain crores like him. It is his highest moral accountability to confirm to and maintain the orderliness of the world.

All that man possesses today is the sum total of what was gifted him at birth, what he inherited on birth and what he acquired and accumulated during the span of his life in exchange of his gifted and inherited attributes. He has least to claim his own. He is not altogether ignorant of the reality. What he truly wants is the absence of strong convictions to overcome and defeat the overriding tendencies of his willful passions. Passions are like unstoppable stallions, who know no brake once the reins are let loose. On the other hand, his ignorance, inadequacy of circumspection, lack of ready wit and green adventurism, almost creates a situation of complete licentiousness for his violent passions to go arbitrary. The greatest tragedy is that he has no advance realization of the foolish and harmful consequences of the blind rides of his passions, and when he encounters them, they have already left irreversible deep imprints, they have already inflicted permanent injuries, they have already played their malicious tricks. Reversal of sequence of events is beyond his reach, repair of the damage incurred is an uphill adventure or sometimes may be of impossible proportion, yet he can neither chide nor hold his unruly passions responsible for the tragic consequences, therefore, his cunning intellect acts up on inventing feigned excuses to cover his crimes up. Here begins Adam's first fall, and he falls headlong to criminality with the birth of the devil in him. May be his conscience, the divine presence in him rebels, but ironically, it is the vice that registers victory over virtue. Its gigantic dark wings cover the

entire horizon such that the flickering flames of virtue disappear in horror. Then comes the era of darkness, glory time for the vice. Man treads deeper and deeper into crimes, so deep and so farther from the source that to retreat becomes impossible. It is strange that men in common do not ever realize the truth that they are born to the world and hence they belong to the world, despite the fact that they are born as individuals. He has multiple accountabilities to answer to and obligations to accomplish. In his accountability to the universal creator, he is expected to confirm to the universal order in all his thought, speech and actions. In social and environmental inter action, he is desired to honour the social and environmental codes of conduct and in his personal and professional situation he has to justify himself by rising to the need of the hour each time. How can one pride on a life one lived in exclusive preoccupation with his own selfish motives, the tribulations and sufferings around not having moved his heart even for once, exploitation of the poor, atrocity against the weak, dishonour of justice, humiliation of the reverend, worship of the devil, disregard of the superior, victory of malice not having rung the bell of revolt even for once?

